

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

୪ ଜୁଲାଇ ୨୦୧୬ ସଂସ୍କରଣ

ମଂଜୁଷାର ବାସୁଦେବ ମନ୍ଦିର

ଅନନ୍ୟ ଓଡ଼ିଆ ଶମୀମ

ମା କାଳୀର ମହକ

ହୁମାର ପ୍ରସିଦ୍ଧ ବକ୍ର ମନ୍ଦିର

ଶୂନ୍ୟତାର ପ୍ରେମରେ

ଟିଘର୍ ଘୁଅ

## ମୋ କୁନା ବାହା ହୋଇଛନ୍ତି

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଓଡ଼ିଆ ପରିବାର

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

**MBBS, PGDMCH, PGDHM**

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର - ୭୬୦୦୧୦, ଓଡ଼ିଶା

ଦୂରଭାଷ : ୯୮୬୧୯୬୨୧୬୦ / ୯୦୪୦୯୮୫୪୬୩ ଇମେଲ୍ - aahwaan@gmail.com

ଆହ୍ୱାନ ଓଡ଼ିଆ ପରିବାର ତରଫରୁ ନିଃଶୁଳ୍କ ବିତରଣ ହେତୁ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ **www.aahwaan.com**

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକୁ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳ ଯାଏଁ କୌଣସି ସୂଚନା ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କର ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲ ଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କର ପ୍ରତିଛବି ଗଣମାଧ୍ୟମ ବା ଇଣ୍ଟରନେଟରେ ଦେଇ ପାରିବେ । ଏଠାରେ ଆମେ ଅନୁରୋଧ କରିବୁ ଯେ ଯେବେ ମଧ୍ୟ ଆପଣ ପତ୍ରିକାର କୌଣସି ଅଂଶ ଇଣ୍ଟରନେଟ୍ / ଫେସବୁକ୍ / ଟ୍ୱିଟରରେ ପ୍ରସାର କରୁଛନ୍ତି, ଦୟାକରି ଆମ ପତ୍ରିକାର ୱେବ୍‌ସାଇଟର୍ ନାଁ (www.aahwaan.com) ଉଲ୍ଲେଖ କରିବାକୁ ଭୁଲିବେନାହିଁ ।

# ସମ୍ପାଦକୀୟ


ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ନମସ୍କାର,

ଜୁଲାଇ ସଂସ୍କରଣ ଆହ୍ୱାନର ପ୍ରକାଶନରେ ହୋଇଥିବା ବିଳମ୍ବ ହେତୁ ମୁଁ କ୍ଷମାପ୍ରାର୍ଥୀ । ଯେଉଁବନ୍ଧୁମାନେ ଏହି ପତ୍ରିକାକୁ ସମୃଦ୍ଧ କରିଛନ୍ତି ଏବଂ ଯେଉଁ ମାନଙ୍କ ଲେଖା ଆମ ପତ୍ରିକାରେ ପ୍ରକାଶିତ ହୋଇ ଆସୁଛି ଏବଂ ହେଉଛି ଏବଂ ଆଗକୁ ମଧ୍ୟ ହେଉଥିବ ସେହି ବନ୍ଧୁମାନେ ହୁଏତ ଜାଣିଥାଇ ପାରନ୍ତି ଯେ ଏହି ପତ୍ରିକା ପ୍ରକାଶନରେ ହେଉଥିବା ବିଳମ୍ବର କାରଣ କଣ । ଏହି ପତ୍ରିକାର ପ୍ରକାଶନର ସମସ୍ତ ଦିଗ କେବଳ ମୁଁ ଜଣେ ବ୍ୟକ୍ତି ହିଁ ଦେଖିଥାଏ । ଲେଖା ସଂଗ୍ରହଠାରୁ ଆରମ୍ଭ କରି, ଟାଇପ୍ କରିବା, ସଂପାଦନା କରିବା, ଭୁଲଠିକ୍ ଦେଖିବା, ପତ୍ରିକାର ଚିତ୍ର ଏବଂ ପ୍ରଚ୍ଛଦ ପ୍ରସ୍ତୁତ କରିବା, ଡିଟିପି ଏବଂ ଅନ୍ୟାନ୍ୟ କାମ ସମେତ ପତ୍ରିକା ପ୍ରକାଶନ ପରେ ଏହାକୁ ୱେବ୍‌ସାଇଟରେ ଅପଲୋଡ୍ କରିବା, ଏହି ସମସ୍ତ କାମ ମୁଁ ଜଣେ ହିଁ କରେ । କାରଣ ସମସ୍ତେ ବ୍ୟସ୍ତ । କାହାକୁ ସାହାଯ୍ୟ କରିବାପାଇଁ କହିବାକୁ ମନ ହୁଏନି । ଅବଶ୍ୟ ଅନେକ ବନ୍ଧୁ ଏହି ସବୁ ବିଷୟ ଜାଣିବା ପରେ ନିଜ ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାଉଛନ୍ତି ଯାହା ଫଳରେ ମୋର ଶ୍ରମ କିଛି ପରିମାଣରେ କମ ହେଉଛି । ସେ ଯା ହେଉ, କର୍ମବ୍ୟସ୍ତତା ଏବଂ ଅନେକ ପ୍ରକାରର ଦାୟିତ୍ୱ ହେତୁ ଏହି ପତ୍ରିକା ପ୍ରକାଶନରେ ବେଳେ ବେଳେ ବିଳମ୍ବ ହୁଏ । ତଥାପି ପ୍ରତ୍ୟେକ ମାସରେ ଏହି ପତ୍ରିକାକୁ

ପ୍ରକାଶନ କରିବାର ଦାୟିତ୍ୱ ସମ୍ପାଦନରେ ମୁଁ କେବେ ଅବହେଳା ପ୍ରକାଶ କରିନି ।

ଚଳିତ ମାସ ଏକ ଘଟଣାବହୁଳ ମାସ ଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଆମ ରାଜ୍ୟର ପ୍ରମୁଖ ଉତ୍ସବ ଥିଲା । ବିଗତ ନବକଳେବର ପରଠାରୁ ମହାପ୍ରଭୁଙ୍କ ଅସ୍ତିତ୍ୱକୁ ନେଇ ଅନେକ ପ୍ରଶ୍ନ ଅନେକଙ୍କ ମନରେ ଉଙ୍କି ମାରୁଥିବା ବେଳେ ଚଳିତ ରଥଯାତ୍ରା ସମୟରେ ଏହା ପ୍ରମାଣିତ ହୋଇଗଲା ଯେ ବିଶ୍ୱନିୟନ୍ତାଙ୍କ ଭାଗ୍ୟ କିନ୍ତୁ କେଇ ହାତଗଣତି ସେବାୟତଙ୍କ ହାତରେ ରହିଛି । ମାତ୍ର କାଷ୍ଠପିତୁଳାକୁ ନେଇ ଆମେ ଗର୍ବ ଯାହା କରୁଛେ ସିନା ହେଲେ ସେ ବି ଅସହାୟ ହୋଇପଡୁଛନ୍ତି ଏହି ସେବାୟତଙ୍କ ନିକଟରେ । ମନ୍ଦିର ନିର୍ମାଣର ଅନେକ ଶତାବ୍ଦୀପରେ ମନ୍ଦିରର ପରିଚାଳନା ବ୍ୟବସ୍ଥାକୁ ଦେଖିଲେ ମନ ହେଉଛି ସତେ ଯେମିତି ଏହି ମନ୍ଦିର ତତ୍‌କାଳୀନ ଓଡ଼ିଶାର ସମ୍ରାଟମାନେ ଗଢ଼ିନଥିଲେ, ହୁଏତ ଏହି ସେବାୟତ ମାନେ ହିଁ ଗଢ଼ିଥିଲେ, ତେଣୁ ମନ୍ଦିରର ସମସ୍ତ ନୀତିନିୟମ ଏହି ସେବାୟତ ମାନେ ହିଁ ଧାର୍ଯ୍ୟ କରିବେ । ଏମାନେ ଚାହିଁଲେ ମହାପ୍ରଭୁ ଭୋଗ ପାଇବେ, ଏମାନେ ଚାହିଁଲେ ମହାପ୍ରଭୁଙ୍କୁ ବଡ଼ଦାଣ୍ଡରେ ଠିଆ କରେଇଦେବେ । ଏମାନେ ହିଁ ସବୁକିଛି । ଓଡ଼ିଶା ରାଜ୍ୟ ପ୍ରଶାସନ, ସର୍ବୋଚ୍ଚ ନ୍ୟାୟାଳୟକୁ ଏମାନେ ମାନନ୍ତି ନାହିଁ । ପୁରୀ ଗଜପତି ହୁଅନ୍ତୁ ବା ଶଙ୍କରାଚାର୍ଯ୍ୟ, ସେମାନେ ଏମାନଙ୍କଠାରୁ ବି ଊର୍ଦ୍ଧ୍ୱରେ । ପ୍ରଶାସନ ଓ ମନ୍ତ୍ରୀଙ୍କୁ ମଧ୍ୟ ଏମାନେ ମାନନ୍ତି ନାହିଁ । ସମୁଦାୟ ଚାରିକୋଟିରୁ ଊର୍ଦ୍ଧ୍ୱ ଓଡ଼ିଶାବାସୀଙ୍କ ଭାବନାକୁ ଏମାନେ ଆଡ଼ ଆଖିରେ ବି ଦେଖନ୍ତି ନାହିଁ । ମହାପ୍ରଭୁ ଏମାନଙ୍କ ପାଇଁ ବ୍ୟକ୍ତିଗତ ସମ୍ପତ୍ତି ପାଲଟି ଯାଇଛନ୍ତି ।

ଚଳିତ ରଥଯାତ୍ରା ସମୟରେ ସେବାୟତମାନେ ଯେଉଁପ୍ରକାର ପ୍ରଶାସନକୁ ଚ୍ୟାଲେଞ୍ଜ୍ ଦେଇ କାମ ସବୁ କରିଛନ୍ତି ତାହା ଆଉ କାହାକୁ ଅଛପା ହୋଇ ରହିନାହିଁ । ଗଣମାଧ୍ୟମ ସମ୍ମୁଖରେ ଏମାନଙ୍କର ଅଶ୍ଳୀଳ ବ୍ୟବହାର ସମସ୍ତ ବ୍ୟବସ୍ଥାକୁ ପଦାରେ ପକାଇଦେଇଛି । ଭାବନାର ଠାକୁର ବୋଲି ଆମେ ସିନା ଶ୍ରୀମନ୍ଦିର ଯାଉଛେ, ନ ହେଲେ ଏମାନଙ୍କ ବହପକୁ ସହିବା ଭଳି କ୍ଷମତା ଆଉ ଆମର ନାହିଁ । ସମଗ୍ର ମାନବଜାତିର ଦେବତା ଏବେ କେତେଜଣ ଅମାନବଙ୍କ ହାତରେ ବନ୍ଧା ପଡ଼ିଛନ୍ତି । ଆମେ କାହିଁକି ଦୋଷ ଦେବା କଳାପାହାଡ଼କୁ, ଏମାନେ ଜଣେ ଜଣେ କଳାପାହାଡ଼ ନୁହନ୍ତି କି ? ମନ୍ଦିର ସମ୍ପତ୍ତି ଉପରେ କୁଣ୍ଡଳୀ ମାରି ବସିଥିବା ଏହି ଅମଣିଷମାନଙ୍କୁ ମନ୍ଦିରରୁ ବିଦାୟ କରିବା ସମୟ ଆସିଛି । ଧର୍ମ ଓ ଆସ୍ଥାର ମନ୍ଦିରକୁ ଏମାନେ ବ୍ୟବସାୟର କେନ୍ଦ୍ରସ୍ଥଳୀ କରିଦେଇଛନ୍ତି ।

ସ୍ନାନପୂର୍ଣ୍ଣିମାରେ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଏମାନେ ଭକ୍ତମାନଙ୍କୁ ସୁଯୋଗ ଦେଇଦେଲେ ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ଛୁଇଁବାକୁ । ଏଥିପାଇଁ ଅର୍ଥ ଦିଆନିଆ ହୋଇଥିବା କଥା ଅନେକ କହନ୍ତି । ପ୍ରଶାସନ ଏମାନଙ୍କ ଉପରେ କୌଣସି ପଦକ୍ଷେପ ନେଲାନାହିଁ, ଏମାନେ ପୁଣିଥରେ ନିଳାଦ୍ରୀ ବିଜେ ବେଳେ ମହିଳା ଭକ୍ତଙ୍କୁ ରଥ ଉପରକୁ ନେବେ ବୋଲି ଖୋଲାଖୋଲି ଘୋଷଣା କରିଲେ, କେବଳ ସେତିକି ନୁହେଁ ଏମାନେ ସ୍ଥାନେ ସ୍ଥାନେ ପୋଷ୍ଟର ଲଗାଇ ପ୍ରଶାସନକୁ ଖୋଲାଖୋଲି ଜଣେଇ ଦେଲେ ଯେ ସେମାନେ ରଥ

ଉପରକୁ ମହିଳା ଭକ୍ତଙ୍କୁ ନେବେ, ଯାହା କରିବାର ଅଛି କରି । ଏବଂ ସେମିତି ହେଲାମଧ୍ୟ । ପୋଲିସ, ପ୍ରଶାସନ, ମନ୍ତ୍ରୀ ଏବଂ ଅନେକ ଉଚ୍ଚପଦସ୍ଥ ଅଧିକାରୀ ମୁକଦର୍ଶକ ପରି ଠିଆ ହୋଇ ରହିଲେ ଯେତେବେଳେ ସେବାୟତମାନେ ମହିଳା ମାନଙ୍କୁ ରଥ ଉପରେ ଚଢ଼େଇଲେ । ଏହାର ଦୃଶ୍ୟ ଗଣମାଧ୍ୟମରେ ପ୍ରସାରଣ ହୋଇ ସମଗ୍ର ବିଶ୍ୱ ଦେଖିଲା । ଖାଲି ଏତିକି ନୁହେଁ, ସୁଦର୍ଶନଙ୍କ ପହଣ୍ଡି ବେଳେ ଗଣ୍ଡଗୋଳ କରି ସୁଦର୍ଶନଙ୍କୁ ଗ୍ୱରମାଳ ଉପରେ ଏକ ଘଣ୍ଟା ପାଇଁ ଅସହାୟ ଅବସ୍ଥାରେ ଛାଡ଼ିଦେଲେ । ଏହା କେଉଁ ପ୍ରକାରର ଭକ୍ତି ? ତୁମେ ସେବାୟତ ଆଉ ଏହା ତୁମ ସେବା ? ଭାବିଲେ ମନକୁ ଘୃଣା ଆସୁଛି । ଆମେ ଏହି ଲୋକଙ୍କୁ କେମିତି ଯେ ସହ୍ୟ କରୁଛୁ ?

ଶ୍ରୀମନ୍ଦିର କାହାରି ବ୍ୟକ୍ତିଗତ ସମ୍ପତ୍ତି ନୁହେଁ । ତେଣୁ ରାଜ୍ୟ ପ୍ରଶାସନ ଶୀଘ୍ର ମନ୍ଦିରକୁ ଏହି ସେବାୟତଙ୍କ କବଳରୁ ମୁକ୍ତ କରନ୍ତୁ । ଯେଉଁମାନେ ଯୁଗଯୁଗ ଧରି ପାରିବାରିକ ଆୟର ପନ୍ଥା ବୋଲି ଧରି ନେଇଛନ୍ତି ସେମାନଙ୍କୁ ଏଠାରୁ ବିତାଡ଼ିତ କରାଯାଉ । ମନ୍ଦିର ପରିଗ୍ୱଳନା ଦାୟିତ୍ୱ କୌଣସି ଦାୟିତ୍ୱସମ୍ପନ୍ନ ଗୋଷ୍ଠୀ ବା ସଂସ୍ଥା ହାତକୁ ଦିଆଯାଉ । ଦକ୍ଷିଣ ଭାରତର ଅନେକ ମନ୍ଦିରରେ ବାର୍ଷିକ ହଜାର ହଜାର କୋଟି ଟଙ୍କାର ଆୟ ହେଉଥିବା ବେଳେ ଆମ ଶ୍ରୀମନ୍ଦିର ସବୁବେଳେ ଅଭାବରେ ରହୁଛି କାହିଁକି ? ଏହାର ସର୍ବେକ୍ଷଣ କରାଯାଉ । ମନ୍ଦିରରେ ପୂଜାରୀ ଏବଂ ସେବାୟତ ମାନଙ୍କୁ ଦକ୍ଷତା ଭିତ୍ତିରେ ଗ୍ୱକରୀ ଦିଆଯାଉ । ପୁରୁଷ ପୁରୁଷ କ୍ରମେ ଗ୍ୱଲି ଆସୁଥିବା ପ୍ରଥାକୁ ବନ୍ଦ କରାଯାଉ ।

ବିଗତ ଦିନରେ ପୁରୀ ଜିଲ୍ଲାପାଳଙ୍କ ଉପରେ ହୋଇଥିବା ଆକ୍ରମଣର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ ସେବାୟତ ମାନଙ୍କ ବିରୋଧରେ କଡ଼ା ଦଣ୍ଡବିଧାନ କରାଯାଏ, ଯାହା ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରୁ । ଯେଉଁଠି ଖୋଦ୍ ଜିଲ୍ଲାପାଳ ଓ ମନ୍ତ୍ରୀ ଅସହାୟ ହୋଇଗଲେ, ସେଠି ସାଧାରଣ ଜନତାଙ୍କୁ କିଏ ପଗ୍ୱରେ ? ଓଡ଼ିଶାର ଜଣେ ଜଣେ ସୁଯୋଗ୍ୟ ରାଜ୍ୟବାସୀ ଭାବରେ ପ୍ରତ୍ୟେକ ବ୍ୟକ୍ତି ଏହିମାତ୍ର ଦାବୀ କରିବାର ଅଧିକାର ରହିଛି ।

ଚଳିତ ମାସର ଆଉ ଏକ ଉଲ୍ଲେଖନୀୟ ଘଟଣା ଥିଲା କନ୍ଧମାଳ ଜିଲ୍ଲାରେ ନିରୀହ ଆଦିବାସୀ ମାନଙ୍କୁ ଗୁଳିକାଣ୍ଡରେ ମୃତ୍ୟୁବରଣ କରିବା । ମାଓବାଦୀଙ୍କ ସମ୍ମୁଖୀନ ହେଉଥିବା ପୋଲିସ ଦଳ ସମ୍ମୁଖରେ ଆସିଥିବା ଏକ ନିରୀହ ଆଦିବାସୀ ଦଳ ପୋଲିସର ଗୁଳିମାଡ଼ରେ ମୃତ୍ୟୁବରଣ କରିଥିଲେ । ଏହାକୁ ନେଇ ବର୍ତ୍ତମାନ ରାଜ୍ୟରେ ରାଜନୀତି ଗରମ ରହିଛି । ବିରୋଧୀ ଦଳମାନେ ଚରିଚରିତ ଢଙ୍ଗରେ ଏଥିପାଇଁ ରାଜ୍ୟ ପ୍ରଶାସନକୁ ଦାୟୀ ବୋଲି ଦାବୀ କରି ସ୍ଥାନେ ସ୍ଥାନେ ପ୍ରତିବାଦ ଶୋଭାଯାତ୍ରା ଆୟୋଜନ କରିଛନ୍ତି । ଅବଶ୍ୟ ସୁରକ୍ଷାବଳ ଅଧିକାରୀମାନେ ଏହି ଘଟଣା ଦୁର୍ଭାଗ୍ୟଜନକ ବୋଲି ଜଣାଇଛନ୍ତି । ତଥାପି ଏହାକୁ ନେଇ ରାଜନୀତି ଗ୍ୱଲିଛି । କିଛି ବରିଷ୍ଠ ଅଧିକାରୀଙ୍କ ମତରେ ଗୁଳିକାଣ୍ଡରେ ଶୀକାର ହୋଇଥିବା ମୃତ ବ୍ୟକ୍ତିଙ୍କ ଶରୀରରୁ ୩୦୩ ଗୋଳି ମିଳିଛି, ଯାହା ପୋଲିସମାନେ ବ୍ୟବହାର କରନ୍ତି ନାହିଁ, ତେଣୁ ଏହାର ତଦନ୍ତ ଗ୍ୱଲିଛି । କିନ୍ତୁ ଏହା ହେଲା କେମିତି ଆଉ

କାହିଁକି, ତାହା ରାଜ୍ୟର ବିଭିନ୍ନ ପ୍ରମୁଖ ଗଣମାଧ୍ୟମରେ ପ୍ରସାରିତ ହୋଇଛି ।

ବିଗତ ପାଖାପାଖି ଦେଢ଼ ଦଶନ୍ଧିରେ ମାଓବାଦୀମାନଙ୍କ ଦ୍ୱାରା ଅଗଣିତ ନିରୀହ ଆଦିବାସୀ ନିର୍ମମ ହତ୍ୟାର ଶିକାର ହୋଇଛନ୍ତି । ପ୍ରାୟ ପ୍ରତିଦିନ ରାଜ୍ୟର କୌଣସି ଅଞ୍ଚଳରେ ମାଓ ହିଂସା ସାମାନ୍ୟ ଖବରରେ ପରିବର୍ତ୍ତିତ ହୋଇ ସାରିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ । କହିବାକୁ ଗଲେ ଏକ ରକମର ଦେହସୁହା ହୋଇଗଲାଣି । ଆଉ ସେ ଖବର ପଢ଼ିଲେ ମାନସିକ ସ୍ତରରେ କୌଣସି ଅସ୍ଥିରତା ଦେଖା ଦେଉଥିବ ବୋଲି ଆମେ ଭାବୁନାହୁଁ । ଗତ ଦିନରେ କନ୍ଧମାଳ ଜିଲ୍ଲାର ଏକ ସୁଦୂର ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ସମ୍ବାଦ ପାଇବା ପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସୁରକ୍ଷାବାହିନୀ ସେହି ଅଞ୍ଚଳରେ ଗସ୍ତ କରୁଥିବା ସମୟରେ ମାଓବାଦୀଙ୍କ ସହ ଗୁଳି ବିନିମୟ ହେଉଥିଲା ଏବଂ ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଏକ ଯାତ୍ରୀବାହୀ ଯାନରେ ବସିଥିବା କିଛି ଆଦିବାସୀ ଏହି ଗୁଳିଗୋଳାର ଶୀକାର ହୋଇଗଲେ । ଏହା ଏକ ଅତ୍ୟନ୍ତ ଦୁଃଖଦ ଏବଂ ମର୍ମସ୍ପର୍ଶୀ ଘଟଣା ।

ଏହି ଘଟଣାପରେ ରାଜ୍ୟବାପୀ ପ୍ରତିକ୍ରିୟା ସୃଷ୍ଟି ହୋଇଛି, ଯାହା ଆମ ମତରେ କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବ୍ୟତୀତ ଆଉ କିଛି ନୁହେଁ । ଘଟଣାରେ ନିହତ ଛଅଜଣ ଆଦିବାସୀଙ୍କ ମଧ୍ୟରେ ଏକ ଦୁଇବର୍ଷର ଶିଶୁ ରହିଛି, ଏବଂ ତିନିଜଣ ମହିଳା ରହିଛନ୍ତି । ଆମ ମତରେ କୌଣସି ସୁରକ୍ଷା କର୍ମୀ ନିଜ ଜ୍ଞାତିବସ୍ଥାରେ ଏହିପରି ହତ୍ୟାକାଣ୍ଡ କରିବ ନାହିଁ । କାରଣ ଦୁଇବର୍ଷର ଶିଶୁ କେବେ ବି ମାଓବାଦୀ ହେବନାହିଁ । ସୁତରାଂ ଏହା ଧରିନେବାକୁ ହେବ ଯେ ଏହି ଘଟଣାରେ ନିହତ ବ୍ୟକ୍ତିମାନେ ନିଜର ଦୁର୍ଭାଗ୍ୟବଶତଃ ମାଓବାଦୀ ଓ ପୋଲିସ ଗୁଳିବିନିମୟ ଅଞ୍ଚଳରେ ପ୍ରବେଶ କରି ନିଜ ମୃତ୍ୟୁକୁ ଆମନ୍ତ୍ରିତ କରିଥିଲେ ।

ଆଶ୍ଚର୍ଯ୍ୟର ବିଷୟ ଏହି ଘଟଣାପରେ ଫେସବୁକ ଓ ଟ୍ୱିଟର୍ ପରି ସାମାଜିକ ଗଣମାଧ୍ୟମରେ ମଧ୍ୟ ଅନେକ ବ୍ୟକ୍ତି ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଆକ୍ଷେପ (ଏବଂ ସ୍ଥଳ ବିଶେଷରେ ଅତ୍ୟନ୍ତ ଅଶାଳୀନ ଓ ଅଭଦ୍ରୋଚିତ ଭାଷାରେ ) କରିଛନ୍ତି । ସେହି ସବୁ ପୋଷ୍ଟ ପଢ଼ିବାପରେ ମନେ ହେଉଥିଲା ସତେ ଯେମିତି ଆମ ମୁଖ୍ୟମନ୍ତ୍ରୀ ନିଜେ ସେହି ଅଞ୍ଚଳରେ ଉପସ୍ଥିତ ରହି ସେହି ନିରୀହ ଆଦିବାସୀମାନଙ୍କୁ ମାରିବା ପାଇଁ ନିର୍ଦ୍ଦେଶ ଦେଉଥିଲେ । ଯଦିଓ କନ୍ଧମାଳରେ ହୋଇଥିବା ଘଟଣାପାଇଁ ଆମେ ଅତ୍ୟନ୍ତ ମର୍ମାହତ ଓ ଦୁଃଖିତ । ଏବଂ ଏହିପରି ଘଟଣାର ଯେପରି ପୁନରାବୃତ୍ତି ନ ଘଟେ ସେଥିପାଇଁ ଆମେ ସର୍ବଦା ପ୍ରଯତ୍ନଶୀଳ ବୋଲି ଦକ୍ଷିଣାଞ୍ଚଳ ସୁରକ୍ଷା ଅଧିକାରୀ ଜଣାଇଛନ୍ତି । ଏବଂ ଏହି ଘଟଣାରେ ନିହତ ବ୍ୟକ୍ତିମାନେ ମାଓବାଦୀ ନଥିଲେ ସୁଦ୍ଧା ସେମାନେ ଗୁଳି ବିନିମୟର ସିଧା ଶିକାର ହୋଇଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ।

ଅବଶ୍ୟ ଏହି ଘଟଣାରେ ସରକାରଙ୍କୁ ଦାୟୀ କରୁଥିବା ସେହି ବନ୍ଧୁମାନେ ମାଓବାଦୀମାନଙ୍କ ହିଂସା ପରେ କାହାକୁ ନିନ୍ଦିତ କରିଥିବାର କୌଣସି ଦୃଷ୍ଟାନ୍ତ ମୁଁ

ଦେଖିବାକୁ ପାଇନାହିଁ । ଯେକୌଣସି ଦୁର୍ଘଟଣାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଦାୟୀ କରିବା ହୁଏତ କିଛି ବନ୍ଧୁଙ୍କ ସଉକ ପାଲଟି ଯାଇଛି । ଏହିପରି ଘଟଣା ନିଶ୍ଚୟ ଭବରେ ବିରଳ । କିନ୍ତୁ ଏଥିପାଇଁ ଯେ କେବଳ ସରକାର ଦାୟୀ ବା ସରକାରଙ୍କ ସିଧାସଳଖ ଇଙ୍ଗିତରେ ଏ ସବୁ ଘଟଣା ହେଉଛି ବୋଲି କହିବା ମଧ୍ୟ ଅନୁଚିତ ।

ଦୟାକରି ଏହି ଆଲେଖ୍ୟକୁ ପଢୁଥିବା ବନ୍ଧୁମାନେ ଜାଣି ରଖିବା ଉଚିତ ହେବ ଯେ ଆମେ କୌଣସି ରାଜନୈତିକ ଦଳ ବା ଚିନ୍ତାଧାରାର ବଶବର୍ତ୍ତୀ ହୋଇ ଏହିପରି ଲେଖା ଲେଖୁନାହୁଁ । ତେଣୁ ଏହାକୁ ସମାଲୋଚନା ବୋଲି ବିବେଚନା କରିବେ ନାହିଁ ।

ଶେଷରେ ମୁଁ ଆଶା କରୁଛି ଯେ ପ୍ରତ୍ୟେକ ଥର ପରି ଏହି ସଂସ୍କରଣ ଆହ୍ୱାନ ଆପଣଙ୍କୁ ନିଶ୍ଚୟ ଭଲ ଲାଗିବ । ଉତ୍ସାହ ଏବଂ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ

# ଏହି ସଂସ୍କରଣରେ ରହିଛି


| | | |
|---|---|---|
| ନିରବ ଅନ୍ଧାର | ଜୟନ୍ତୀ ବେହେରା | ୧୨ |
| ବିରହରେ ଶ୍ରାବଣ | ଭଗିରଥୀ ବେହେରା | ୧୪ |
| କାଲି ଆଉ ଆଜି | ଲୀନା ମହାନ୍ତି | ୧୫ |
| ଲଜ୍ଜା | ପ୍ରବୋଧଚନ୍ଦ୍ର ମୁଦ୍ରା | ୧୬ |
| ଅଭିଶପ୍ତ ଅନ୍ନଦାତା | ରଞ୍ଜନ କୁମାର ସ୍ୱାଇଁ | ୧୮ |
| ମନକଥା | ପ୍ରତିଭା ପ୍ରିୟଦର୍ଶିନୀ | ୧୯ |
| ଦୁଷ୍ଟକାମନା | ଶ୍ରୀପତି ସାହୁ | ୨୧ |
| ହେ ମେଘ | ପଞ୍ଚାନନ ବେହେରା | ୨୨ |
| ବଦ୍‌ନାମ | ପଞ୍ଚାନନ ବେହେରା | ୨୩ |
| ଗାଁ ଗ୍ରେର | ଉଦୟନାଥ ରାୟ | ୨୪ |
| ଭକ୍ତିସୁଧା | ଦିଲ୍ଲୀପ ରଣଜିତ | ୨୫ |
| ଭିକତ ଜୀବନ | ଜୟ କିଶୋର ସାହୁ | ୨୬ |
| ଉପେକ୍ଷିତ | ମନୋଜ ଦଳବେହେରା | ୨୭ |
| ଫୁଲର ପ୍ରାର୍ଥନା | ରୋହିତ୍ ନାଗେଶ | ୨୮ |
| ଟପର୍ ପୁଅ | ଡା ସୌମ୍ୟରଞ୍ଜନ ମିଶ୍ର | ୩୦ |
| ପ୍ରେମ ହେଲା ସପନ | କ୍ଷେତ୍ରବାସୀ ଜେନା | ୩୧ |
| ସେମାନେ ଏବେ କେଉଁଠି ? | ପ୍ରକାଶ ରଞ୍ଜନ ପରିଡ଼ା | ୩୨ |
| ଗୀତ | ଜ୍ୟୋତିର୍ମୟୀ ଷଡ଼ଙ୍ଗୀ | ୩୩ |

| | | |
|---|---|---|
| ବର୍ଷା | ବରୁଣ କୁମାର ଦାସ | ୩୪ |
| ଅହଂକାର | ମାଧବ ଚନ୍ଦ୍ର ଜେନା | ୩୫ |
| ତ୍ରବେଣୀ | ବନୟ ମହାପାତ୍ର | ୩୬ |
| ମଧ୍ୟାହ୍ନ | ବନୟ ମହାପାତ୍ର | ୩୮ |
| ହେ ବନ୍ଧୁ ଦେଖାଦଅ | ଜ୍ୟୋତକଶୋର ମହନ୍ତ | ୩୯ |
| ବରତ | ପ୍ରୀତପ୍ରିୟଦର୍ଶିନୀ ମହାପାତ୍ର | ୪୦ |
| ବନ୍ଧନ | ପ୍ରଶାନ୍ତ କୁମାର ନାଥ | ୪୧ |
| ନବକଳେବର ରଥଯାତ୍ରା | ହମାଂଶୁ ଶେଖର ବାରକ | ୪୨ |
| ସାଥୀ | ଲକ୍ଷ୍ମୀକାନ୍ତ ମହାରଣା (ପରଭୃତ) | ୪୪ |
| ଆଶା | ଦଲ୍ଲୀପ କୁମାର ପ୍ରଧାନ | ୪୫ |
| ଜୀବନ | ଡା ସନ୍ଧ୍ୟାରଣୀ ପାଣିଗ୍ରାହୀ | ୪୬ |
| ଜତବ ମୁଁ ପ୍ରେମର ବାଜ | ମୋହନ ଚନ୍ଦ୍ର ବଷୋୟୀ | ୪୮ |
| ଗୋମୂତ୍ର ଅତ୍ୟନ୍ତ ମୂଲ୍ୟବାନ | ଓଡ଼ିଆଗୁରୁ.କମ୍ | ୪୯ |
| ମା କାନର ମହକ | କମଳାକାନ୍ତ ସୁବୁଦ୍ଧି | ୫୧ |
| ହୁମାର ପ୍ରସିଦ୍ଧ ବକ୍ର ମନ୍ଦିର | ସୁଶାନ୍ତ ପୁରୋହତ | ୫୩ |
| ଅନଲାଇନରେ ମହାପ୍ରସାଦ | ଶକ୍ତି ପ୍ରସାଦ ପାଳ | ୫୫ |
| ଅଭୁଲ୍ ଅତୀତ, ଭବ୍ୟ ବର୍ତ୍ତମାନ | ମୁନା ମହାପାତ୍ର | ୫୬ |
| ମଞ୍ଜୁଷାର ବାସୁଦେବ ମନ୍ଦିର | ଲଙ୍ଗରଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ | ୬୦ |

| | | |
|---|---|---|
| ପ୍ରେମ, ବର୍ଷା ଓ ଫେଭିକଲ୍ | ଦୀପକ୍ ଷଡ଼ଙ୍ଗୀ | ୬୧ |
| ସମ୍ପାଦକଙ୍କୁ ପତ୍ର | ବରୁଣ କୁମାର ଦାସ | ୬୫ |
| ଅନନ୍ୟ ଓଡ଼ିଆ ଶମୀମ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୬୬ |
| ଶୂନ୍ୟତାର ପ୍ରେମରେ | ସୁଶ୍ରୀ ଜୟଶ୍ରୀ ଜେନା | ୭୦ |
| ମୋ କୁନା ବାହା ହୋଇଛି | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୭୩ |
| ବିଶେଷ ସୂଚନା | | ୭୯ |

# ନିରବ ଅନ୍ଧାର



ଜୟନ୍ତୀ ବେହେରା

ଆଜି ସୀମାନ୍ତରେ
ଜନ୍ମ କରୁଛି କୋଳାହଳ
ମୋ ନାଁରେ, ... ଏଇନେ
ସନ୍ଦେଶ ଦେଇଗଲା ସମୀର ।
ଜହ୍ନର ମୋ ଉପରେ
ଏତେ ମାଲିକାନା ସତ୍ତ୍ୱେ ଯେ
ବୁଝିପାରୁନି ଜହ୍ନ,
ମୁଁ କେତେ ଅସହାୟ
କେମିତି ଯିବି ତା' ପାଶକୁ
ଅମାବାସ୍ୟାରେ ତରେ
ମୁଁ ନିରବ ଅନ୍ଧାର ।
ଜୀବନ ଶିଖାଇଲା ମୋତେ
ବିଷ କେବେ ପରଲୋକମାନେ
ବିଶ୍ୱାସରେ ଦିଅନ୍ତିନିଲୋ ଜୟନ୍ତୀ !
ଯିଏ ଦିଏ, ସେ
ହୃଦୟରୁ ଅତି ନିଜର ।
ପରଲୋକ ଯଦି ବା ବିଷ ପିଆଇବ
ଜୀବନ ଯିବ
ନିଜ ଲୋକର ବିଷରେ
ମୃତ୍ୟୁ କ'ଣ କେବେ ହୁଏ ?
ଯାହା କିଛି ବିଷାକ୍ତ ହେବ
ହୃଦୟର ସମସ୍ତ ସ୍ପନ୍ଦନ
ଅହରହ ଜଳିବ ମନ ।
ବୁଝିଛି ଜହ୍ନ, ଠିକ୍ ମୋ ଭଳି
ବିଷର ଜ୍ୱାଳା ମୃତ୍ୟୁଠୁ ବି ଭୟଙ୍କର ।
ଜହ୍ନ ବି ତ ପିଉଛି
ନିରନ୍ତର ନିଜ ଲୋକର ବିଷ

ତେଣୁ ତ ତା' ଦେହସାରା
କଳା କଳା କ୍ଷତ ଚିହ୍ନ
ତଥାପି ଜହ୍ନ ଶିଖାଉଛି ମୋତେ
ଜୀବନରେ ବଞ୍ଚିବାକୁ ହେଲେ
ଥରେ ନୁହେଁ,
ବିଷ ପିଇବାକୁ ହେବ
ଅନେକ ଥର...
ଏ ବିଷ ପର୍ ନିଜ ଲୋକର ।
ଜହ୍ନର କାହାଣୀ ପରି ମୋ ଜୀବନ
ତା'ତନୁ, ମୋ ମନ
କେବେ କ୍ଷୟଶୀଳ, କେବେ ପରିପୂର୍ଣ୍ଣ
ଏମିତ ବିଷ ପିଇ ପିଇ
ନୀଳକଣ୍ଠ ସାଜିଗଲାପରେ
କାଟିବିନ ବିଷର ଦଂଶନ, ଭାଙ୍ଗିବିନ ମନ
ମୋତେ ଖାଲି ଯାହାଟିକେ
ଶିଖିବାକୁ ହେବ
ପୂନେଇଁର ଆଲୋକ ପରି
କ୍ଷତାକ୍ତ ହେଲେ ବି,
ମୋ ମିତ ଜହ୍ନପରି
ଜୀବନର ନିରବ ଅନ୍ଧାର
... ଖୁବ୍ ସୁନ୍ଦର ।

ବାଲିଗୁଡ଼ା, କନ୍ଧମାଳ, ଓଡ଼ିଶା

# ବିରହରେ ଶ୍ରାବଣ, ପକ୍ଷୀରେ ମୋ ପ୍ରାଣ



ଭଗିରଥୀ ବେହେରା

ଶ୍ରାବଣ ଝରୁଛି ଅହରହ, ପ୍ରିୟତମ ଯାଇଛି ପରଦେଶ
ଯା ପକ୍ଷୀ ! ଦେଇଆସ ତାଙ୍କୁ, ମୋ ପୀଡ଼ାର ସନ୍ଦେଶ ।
ଯୌବନେ ଏ କପରକା ନଆଁ, ପକ୍ଷୀ ! ବିରହର ବାଣ
ଯା, ପ୍ରିୟକୁ କହ, ... ଉଡ଼ିଯାଇଛି ତାଙ୍କ ପ୍ରିୟାର ପ୍ରାଣ ।
ହସିବାକୁ ପଡୁଛି, ... ଯଦିବା ସବୁବେଳେ ହୃଦୟ ଉଦାସ
ପକ୍ଷୀ ! ଯାଇ କହ ମୋ ବ୍ୟଥା, ମୋ ପ୍ରିୟତମ ପାଶ ।
କହିଆସ ପ୍ରିତମକୁ ... ଆରେ ପକ୍ଷୀ ! କଥା ଗୋଟେ
ତା ସ୍ମୃତିରେ ଜଳୁଛି ଦିନରାତି, କିଏ ପ୍ରେମପାଗଳଟେ ।
ସଂସାର ଆଗରେ ହସିବାକୁ ହୁଏ, ଭିତରେ ଉଠୁଛି କୋହ
ବିଚ୍ଛେଦ ତ କଷ୍ଟ, ପକ୍ଷୀ ! ଦେଖାନା ଆଉ ମିଛ ମୋହ ।
ଶୁଣରେ ଭୁଲାମନ ପକ୍ଷୀ ! ମୋ କଥା ନଷ୍ଟେ ମାନ
ଯାଇ କୁହ ସାଥିର କାନେ, ରଖୁ ସେ ପ୍ରୀତିର ମାନ ।
ଲକ୍ଷ ଲକ୍ଷ ଦହନର କ୍ଷଣ, ଜଳୁଛି ବିଚ୍ଛେଦର ନିଆଁରେ
ବଡ଼ ଯନ୍ତ୍ରଣା ଏ ପ୍ରେମ, ... ରେ ପକ୍ଷୀ ! ମନ ହାରୁଛିରେ ।
ସିଏ ହିଁ ଦୁଃଖ ଦେଉଛି, ମନ ଯାହାକୁ କରୁଛି ପ୍ରୀତି
ମନ କାନ୍ଦୁଛି ପକ୍ଷୀ ! ଗାଇ ହେଉନି ବିରହ ଗୀତ ।
କେବେ ଭଲ ପାଇବୁନି ପକ୍ଷୀ ! ଏ ସଂସାରେ କାହାକୁ
ଦୂରତାର ଚିତାରେ ଜାଳିବା ହୁଏ ଦେହ ଓ ଆତ୍ମାକୁ ।
ପ୍ରେମରେ ପାଗଳ ହେବା ପୂର୍ବରୁ ମୋତେ ଦେଖିନେବୁ
ଦୂରତା, ଯନ୍ତ୍ରଣା, ଦହନ, ବିରହ ବିନା ଆଉ କଣ ପାଇବୁ ।

ଗଞ୍ଜାମର କବିତା ଘର, ଆଙ୍କୁଲି, ବ୍ରହ୍ମପୁର, ଗଞ୍ଜାମ
ଫୋନ୍ - ୮୨୮୦୨୨୩୬୪

# କାଲି ଆଉ ଆଜି



ଲୀନା ମହାନ୍ତି

କାଲି ଆଉ ଆଜି ଭିତରେ ଖାଲି ଏତିକି ଫରକ୍,,

କାଲି ତୁମେ ମତେ ପାଇ ଖୁସି ଥିଲ..

ଆଉ ଆଜି ମୁ ତୁମକୁ ହରେଇ ମୁ ଦୁଃଖି..

କାଲି ଆଉ ଆଜି ଭିତରେ ଖାଲି ଏତିକି ଫରକ୍,,

କାଲି ମୁ ତୁମ ପାଇ ତୁମ ଦୁନିଆ ଥିଲି..

ଆଉ ଆଜି ତୁମ ଦୁନିଆ ବଦଳି ଯାଇଛି..

କାଲି ଆଉ ଆଜି ଭିତରେ ଖାଲି ଏତିକି ଫରକ୍,,

କାଲି ମୁ ତୁମ ଜୀବନର ଖୁସି ଥିଲି..

ଆଉ ଆଜି ମୁ ତୁମ ପାଇ ଗୋଟେ ଯନ୍ତ୍ରଣା ..

କାଲି ଆଉ ଆଜି ଭିତରେ ଖାଲି ଏତିକି ଫରକ୍,,

କାଲି ମତେ ହରେଇବାର ଭୟ -

ତୁମକୁ ବିଚଳିତ କରିଦେଉଥିଲା,,

ଆଉ ଆଜି ମତେ ହରେଇକି ବି ତୁମେ ଚୁପ ହେଇଯାଇଛ..

କାଲି ଆଉ ଆଜି ଭିତରେ ଖାଲି ଏତିକି ଫରକ୍,,

କାଲି ମତେ ଦିନେ ନ ଦେଖିଲେ ମନ ମାରି ବସୁଥିଲ..

ଆଉ ଆଜି ମୋ ଚେହେରା ବି ତୁମ ପାଇଁ ଅଚିହ୍ନା...

ବାଣିକୁଣ୍ଡ, ସଡ଼େଇପୁର, ରଘୁନାଥପୁର

ଜିଲ୍ଲା - ଜଗତସିଂହପୁର, ୭୫୪୧୩୨

# ଲଜ୍ଜା (ହୀନକାର୍ଯ୍ୟନବର୍ତ୍ତନମ୍)



ପ୍ରବୋଧ ଚନ୍ଦ୍ର ମୁଦ୍ରା

ବଶ୍ୱର ସାହତ୍ୟ ଆକାଶେଛନ୍ତ ଅସଂଖ୍ୟ ତାର୍ ।
ସ୍ୱକୀୟ ଜ୍ୟୋତରେ ଉଜ୍ଜ୍ୱଳ କରନ୍ତ ବଶ୍ୱସାର୍ ।।
ଜ୍ୟୋତଷ୍କ ମାନଙ୍କ ମଧରେ 'ଲଜ୍ଜା' ପାହାନ୍ତ ତାର୍ ।
ସେହ ତାର୍ ଦଏ ସଭଙ୍କୁ ଦବସର ଇଶାର୍ ।।
ଲଜ୍ଜା ତ ଜଗତ ଭୂଷଣ ଅଟେ ଅମୂଲ୍ୟରତ୍ନ ।
ସେହ ରତ୍ନେ ହୋଇ ଭୂଷିତ ନର ପାନ୍ତ ସମ୍ମାନ ।।
ନାରୀର ଦବ୍ୟ ଆଭୂଷଣ ଲଜ୍ଜା ଅଟେ ତ ଜାଣ ।
ତା ବହୁନେ ନାରୀ ଇଜ୍ଜତ ସଦା ହୁଅଇ କ୍ଷୁର୍ଣ୍ଣ ।।
ଅକାର୍ଯ୍ୟରୁ ସଦା ବଚ୍ୟୁତ ହେବା ଲଜ୍ଜା ଲକ୍ଷଣ ।
ଦୁର୍ନୀତ - ଦୁଷ୍କର୍ମ - କୁକାର୍ଯ୍ୟ ଅଟେ ନର୍ଲଜ୍ଜ କର୍ମ ।
ସାଧୁ - ଭଦ୍ର - ଗୁଣୀ - ବଦ୍ୱାନ ସର୍ବେ ଲଜ୍ଜାର ବଶ ।
ଅଲାଜୁକ ଓ ବେଶର୍ମୀଙ୍କୁ ଲଜ୍ଜା ନାହିଁ ଅବଶ୍ୟ ।।
ଉଗ୍ର ଆଧୁନକା ନାରୀର ନାହିଁ ଲଜ୍ଜାର ଭୟ ।
ଅର୍ଦ୍ଧନଗ୍ନ ହୋଇ କୁବାସେ ହୁଅନ୍ତ ନନ୍ଦନୀୟ ।।
ତା'ମାତା - ଗୁରୁଜନଙ୍କୁ ନ କରନ୍ତ ଖାତର ।
ସମାଜକୁ ହେୟ ଜ୍ଞାନରେ ହୁଅନ୍ତ ସ୍ୱେଚ୍ଛାଚାରୀ।।
ସମ୍ପ୍ରତ ଲଜ୍ଜାକୁ କାହାର ଡର ଭୟ ତ ନାହିଁ ।
ଲଜ୍ଜାହୀନ ହୋଇ ମନୁଷ୍ୟ ବ୍ୟଭଚାର କରଇ ।।
ନର୍ଲଜ୍ଜେ ଯୁବକ - ଯୁବତୀ କର ସ୍ୱେରପୀରତ ।

ପଥଭ୍ରଷ୍ଟ ହୋଇ ସମାଜେ ନୀତ ଭ୍ରଷ୍ଟ କରନ୍ତି ।।

ବସ୍ତ୍ର ଦେଇ ପ୍ରଭୁ କୃଷ୍ଣାଙ୍କୁ ଲଜ୍ଜା କଲେ ବାରଣ ।

ନିର୍ଲଜ୍ଜ ରାବଣ କରିଲା ସତୀ ସୀତା ହରଣ ।

ଦୁଷ୍ଟଙ୍କୁ ସଂହାର କରିଣ ରଖିଲେ ସତୀମାନ ।

ଅଧର୍ମ - କୁକର୍ମ କରନ୍ତି ସଦା ନିର୍ଲଜ୍ଜଜନ ।

ଈଶ୍ୱର କରନ୍ତି ତାହାଙ୍କୁ ସଦା ଦଣ୍ଡବିଧାନ ।।

ଜଗତ ଭୂଷଣ ଲଜ୍ଜାକୁ କରିବା ଆଭୂଷଣ ।

ସେହି ଆଭୂଷଣେ ମନୁଷ୍ୟ ହୋଇବ ଗରୀୟାନ ।।

ସାଙ୍କୁଡ଼ା, ଗଞ୍ଜାମ, ଓଡ଼ିଶା

ଦୂରଭାଷ:- ୭୮୯୪୯୧୬୧୩୧

ଇମେଲ୍ : prabodhamudra@gmail.com

# ଅଭିଶପ୍ତ ଅନ୍ନଦାତା



ରଞ୍ଜନ କୁମାର ସ୍ୱାଇଁ

ମୁଣ୍ଡ ଝାଳ ତୁଣ୍ଡରେ ମାର,
କୃଷକ ଗ୍ଭଷଇ କ୍ଷେତ ।
ଗହମ ଗ୍ଭଉଳ ଉଜନତୀ ଦେଶେ,
ଅଭ୍ଭବ ସଦା ତା ମିତ ।

କେବେ ମାଡିଆସେ ବନ୍ୟାର ଆତଙ୍କ,
କେବେ ମରୁଡିର ମାଡ଼ ।
କରୁଣ ଚହ୍ଲାର ଶୂନ୍ୟେ ହଜଯାଏ
ଭଙ୍ଗିଯାଏ ମେରୁହାଡ଼ ।

କେତେ ଯତନରେ ଉପୁଜାଏ ଶସ୍ୟ,
ଦନଗତ ଖଟିଖଟି,
ଗାଦଗାଦ ଶସ୍ୟ ପଚସଢ଼ି ଯାଏ,
ଦେଖି ଛାତଯାଏ ଫାଟି ।

ସବୁର ପେଟକୁ ଆହାର ଯୋଗାଏ
ଅଭିଶପ୍ତ ଅନ୍ନଦାତା ।
ତା ପାଇଁ କାହା ଆଖିରୁ ନ ଝରେ,
କେହ ନ ବୁଝଇ ବ୍ୟଥା ।

ପୁଞ୍ଜି ଲୁଟିନେଇ ପୁଞ୍ଜିପତ ଏଠି,
ବିଦେଶେ କରଇ ମଜା ।
ପୁଞ୍ଜିର ଅଭ୍ଭବେ କୃଷକ ମରଇ
ପରିବାର ଭୋଗେ ସଜା ।

ଧନ୍ୟ ହେ କୃଷକ,
ଧନ୍ୟ ତୋ ବଳଦାନ ।
ସମସ୍ୟାର ତୋର ସମାଧାନ ହେଉ,
ହେଉ ତୋର ଯଶ ଗାନ ।

# ମନକଥା

କି ଲିଭ ବେଳାବୁକେ ନାମ ଲେଖିବାର,
ଢେଉ ଗୋଟିଏରେ ସବୁ ହଜିଯିବ ।
ମତେ ପଥର ହୃଦୟ କହିଦେଲ ସିନା,
ପଥରେ ଖୋଦିତ ଚିହ୍ନ କେବେ ନ ଲିଭିବ !

ମୁଁ ତ ଥିଲି ପତ୍ରଝଡ଼ା ଋତୁଟିଏ,
ତୁମେ କାହିଁ ନିମନ୍ତ୍ରଣ ଦେଲ ବସନ୍ତରେ ?
ମନରେ ମୋହ, ଦେହରେ ଦାହ ନେଇ,
ହଜିଲି ମୁଁ ରକ୍ତଜମା ଶୀତ ପାହାନ୍ତାରେ ।

ତୁମେ ଦୃଷ୍ଟି ଫେରିଇ ଅନ୍ଧାର ଢାଳିଦେଲ
ଯେମିତି ସୂର୍ଯ୍ୟ ହଜିଗଲେ ଅଜ୍ଞାତବାସେ,
ଅନ୍ଧାରେ ପାଳିବି ମୁଁ ଦୀପାବଳୀ ଏଠି
ରଙ୍ଗଭରି ହୋଲି, ତୁମେ ଖେଳ ସହର୍ଷେ ।

ସମର୍ପି ଦେଇଛି ତୁମକୁ ମୋ ସମଗ୍ର ପୃଥିବୀ
ତୁମେ ମୋ ଡେଣାକୁ ଦିଅ ଚେନାଏ ଆକାଶ,
ମୁକ୍ତ କରିଦିଅ ଆଙ୍ଗୁଳିରୁ ମୋ ପଣତଧାର
ନ ହେଲେ ବ୍ୟର୍ଥଯିବ ତୁମ ସମସ୍ତ ପ୍ରୟାସ ।



ପ୍ରତିଭା ପ୍ରିୟଦର୍ଶିନୀ

ଆଖି ଖୋଲିଥିବ ଯେତେ ଲାଗିବ ରୁକ୍ମଣୀ,
ବନ୍ଦ ପଲକରେ ଅବା ଲାଗିବ ରାଧିକା ।
ଭାବିବ କେବେ ଯଦି ଶାନ୍ତ ଏକାନ୍ତ ଚିତ୍ତରେ
ଲାଗିପାରେ ମୀରାଭଳି ଏକାଗ୍ର ସାଧିକା ।

ହୁଏ ମୁଁ ସାଧିକା, ରାଧିକା ଅବା ରୁକ୍ମଣୀ
ପ୍ରିୟ ମୋର, ମୋ ଜୀବନେ କୃଷ୍ଣ ତୁମେ
ନିଭୃତ ଏ ମନ ବୃନ୍ଦାବନେ ନିତ ନିତ ଝୁରେ
କଳ୍ପନାରେ ଓଠ ମୋର, ତୁମ ପାଦପଦ୍ମ ଚୁମେ ।

ଛୁଇଁଦିଅ ଥରେ, ଦେଇ ତୁମେ ପ୍ରେମ ସ୍ପର୍ଶ
ମୁକ୍ତି ପାଇଯିବ ଏ ଅହଲ୍ୟା ଆୟୁଷ ।
ସମର୍ପି ଦେବି ତୁମକୁ ମୋ ଦେହ, ମନପ୍ରାଣ,
ମେଣ୍ଟିଯିବ ମୋକ୍ଷ ତୃଷ୍ଣା, ପିଇ ପ୍ରୀତିର ପୀୟୁଷ ।

କଟକ

# ଦୁଷ୍ଟକାମନା



ଶ୍ରୀପତ ସାହୁ

ବାହାରେ ବହୁଛି ଚଗଲ୍ ପବନ
ବରଷେ ଚଗଲ୍ ବର୍ଷା
ଏ ଦୁଇ ଚଗଲ୍ ମନ ଭିତରେ ମୋ
ଜଗାନ୍ତି ଚଗଲ୍ ଇଚ୍ଛା ।
ତୁମ ମିଛେଇ ଓଠଟା ନା ନା କରେ
ତୁମ ଲାଜୁଆ ଆଖିତ ଗଜ
ତୁମ ମିଛେଇ ଓଠକୁ ମୋ ଓଠରେ ଛନ୍ଦି
ସବୁ ରାଗ ଶୁଝାଇବ ଆଜ ।
ନା ନା ଖାଲି କରୁଥାଏ ବୋଲି
ସେ ଓଠ ଉପରେ ମୋ ରାଗ
ହଇରାଣ ଆଜ ହେବ ତୁମ ଓଠ,
ଏ ବର୍ଷା ଦେଇଛି ସୁଯୋଗ ।
ତୁମକୁ ରକ୍ଷା କରିବାକୁ କେହି
ହେବେନି କେବେ ସମର୍ଥ,
ତମେ ଥିବ ମୋ ବାହୁବନ୍ଧନରେ
ଏ ବର୍ଷା ହେଉଥିବ ଦୁଷ୍ଟ ।

# ହେ ମେଘ



ପଞ୍ଚାନନ ବେହେରା

ହେ ମେଘ

ତୁମର ଆଖିରୁ ନୀର ଝରଇ

ମୋ ଆଖିରୁ ଝରେ ଲୁହ,

ତୁମର ମୋର ସମ୍ପର୍କ ଭିତରେ

ଫରକ କଣ କୁହ ?

ତୁମେ ବ କାନ୍ଦୁଛ ଆକାଶ କୋଣରେ

ଝର୍କା ଏପାଖେ ମୁଁ

ତୁମେ କାନ୍ଦୁଥାଅ ଶବ୍ଦ କରସିନା

ଗୁମ୍ ସୁମ୍ କାନ୍ଦେ ମୁଁ ।

ଛାତିର ଜ୍ୱାଳାକୁ ଲିଭେଇବା ପାଇଁ

ଲୁହ ଯଦି ଏକା ସାର,

ହସି ହସି ଗ୍ରହିଲ ଆଦରେଇ ନେବା

ପ୍ରେମର ଏ ପୁରସ୍କାର ।

ଦଶପଲ୍ଲା, ଓଡ଼ିଶା

# ବଦ୍‌ନାମ



ପଞ୍ଚାନନ ବେହେରା

ବଦ୍‌ନାମ ଗଳର ଭଗ୍ନ ନାୟକ ମୁଁ
ଅବାଞ୍ଛିତ କଳାକାର
କଳଂକିତ ଏଇ ଜୀବନଟା ମୋର
ଅଶ୍ରୁର ଗନ୍ତାଘର ।

ସ୍ୱାର୍ଥୀ ପୃଥିବୀ ଛଳନା ସହରେ
ଲାଞ୍ଛିତ ମୁଁ ଯାଯାବର
ଶୁଣିବାକୁ ନାହିଁ, ଜଣେ ଅବା କେହ
ମୋର ଏ ଅବ୍ୟକ୍ତ ସ୍ୱର ।

ତୀକ୍ଷ୍ଣ ଛୁରୀକାର ତୀବ୍ର ଶାଣିତରେ
ଶରୀର କ୍ଷତବକ୍ଷତ,
ମୁଁ ହିଁ ସାଜିଛି ଘାତକ ମୋହର
କରିବାକୁ ପ୍ରାୟଶ୍ଚିତ ।

ଦଶପଲ୍ଲା

# ଗାଁ ଗ୍ରେର



ଉଦୟନାଥ ରାୟ

ଅଡ ଚତୁରୀ ସେ ଭାର ଖରଖର
ତଳ ସାହୁ ପାର ଅପା
ଟିକି ଚଢ଼େଇକୁ ପିଆଇ ଦଏନ
ଡୁଠ ପାଣି ବୋଲ ସଫା ।
ତା ବାଡ଼ି ପିଜୁଳ କଲକତ ଆମ୍ବ
ଯେତେଥର ଗ୍ରେରୀ ହୁଏ
ଥରୁଟିଏ ଗ୍ରେର କରଥିଲ ବୋଲ
ସବୁ ଗାଳ ମୋତେ ଦଏ ।
ଗାଁ ଗୁଡ଼ି ଯେବେ ବଦେଶ ଆସିଲ
କରଲ ତା' ପାଶେ ଅଳ
ଯାଉଛ ଲୋ ଅପା ପର ମୂଲକକୁ
ଦବୁନାହିଁ ଆଉ ଗାଳ ।

ନାଇଜେରଆ

# ଭକ୍ତି ସୁଧା



ଦିଲ୍ଲୀପ ରଣଜିତ

ଯିଏ ଯାହା କହୁ କ ଯାଏ ମୋହର

ତୋ ପ୍ରେମେ ହୋଇଛି ବାଇ

ଅଷ୍ଟ ପ୍ରହ ଶ୍ୱାସେ ଶ୍ୱାସେ ମୋର

ତୋର ନାମ ଗାଇ ଗାଇ ।

ମନ ବୃନ୍ଦାବନେ ହୃଦକୁଞ୍ଜବନେ

ଭକ୍ତିମୋର ମୀରବାଇ

ଭବ ଯମୁନାର କଦମ୍ବ ମୂଳରେ

ନିତ୍ୟ ରସେ ଆତ୍ମା ରଇ ।

ମୀର ଭକ୍ତିପଥେ ରାଧା ସୁଧା ସ୍ରୋତେ

ଅନ୍ତରରେ ତୋତେ ଧାୟୀ

ପ୍ରେମ ଭକ୍ତି ରସେ ସଦା ରସୁଥିବ

ତୋର ପଦେ ମତ ଦେଇ ।

ଯିଏ ଯାହା କହୁ କ ଯାଏ ମୋହର

ତୋ ପ୍ରେମେ ହୋଇଛି ବାଇ ।

କଣ୍ଟାବଣିଆ, ଗଡ଼ସାନପୁଟ, ପୁରୀ

# ଭକତ ଜୀବନ



ଜୟ୍ କିଶୋର ସାହୁ

ଭକତ ଜୀବନ କରୁଣା ନିଧାନ

ଆହେ ପ୍ରଭୁ ଚକାଡ଼ୋଳା

ଭକତ ଜନଙ୍କୁ ଉଦ୍ଧାରିବା ପାଇଁ

ଜଗତରେ କର ଲୀଳା ।

ଭକତର ଡାକ ଶୁଣିଥାଅ ପ୍ରଭୁ

ନିରନ୍ତର କର୍ଣ୍ଣ ଡେରି

ଭକତର ଦୁଃଖ ଦୂରକର ବୋଲି

ନାମତୁମ ଦୁଃଖହାରୀ ।

ଭକ୍ତିଭାବେ ତୁମେ ବନ୍ଧା ହୋଇଅଛ

ଭକ୍ତ ଅଟେ ତୁମ ସଖା

ଭକ୍ତର କଷଣ ଦୂର କର ପ୍ରଭୁ

ମାନେ ତୁମ କୃପାଭିକ୍ଷା ।

# ଉପେକ୍ଷିତ



ମନୋଜ ଦଳବେହେରା

ଚହ୍ନବାକୁ ଭୁଲ ହୋଇଗଲା
ବୋଧହୁଏ ସେହ ସମୟକୁ,
ନ ହେଲେ କଣ ଏମିତ ହୁଅନ୍ତା;
ସୂର୍ଯ୍ୟ ଓହ୍ଲେଇ ଆସନ୍ତା
ରାଜ ରାସ୍ତା ଉପରକୁ
ଶୀତ ରାତର ମଧ୍ୟପ୍ରହରରେ
ଲୁହ ଟୋପାକୁ ଛପିବାକୁ ପଡ଼ନ୍ତା
ଅସୀମିତ ବଚଳନର ଶ୍ୱେଦରେ ।

ଉପରେ ସିନା ସବୁ ଠିକ୍ ଦଶୁଛ,
କନ୍ତୁ ଝାପ୍ସା ବ ଦଶୁନ
ତା' ଫେରବାର ପଦଚହ୍ନ;

ଏବେ ତ ମୁଁ ରାସ୍ତାକଡ଼ର
ଉପେକ୍ଷିତ ଫୁଲଟିଏ,
ଜାଣେନା କେଜାଣି କେବେ
ଭରଯିବ ତୁମ ଆଞ୍ଜୁଳାରେ

# ଫୁଲର ପ୍ରାର୍ଥନା



ରେହତ୍ ନାଗେଶ

ହେ ବଶ୍ୱନାୟକ ନଶ୍ୱ ନାୟିକାକୁ ଅନା
ପାଦପଦ୍ମେ ପଡ଼ି କହେ ଅନ୍ତର ବେଦନା,
ଅହୋ ଭାଗ୍ୟ ଏ ପଦ୍ମର
ଚରଣ ଯୁଗଳେ ଶୋଭ୍ ବଢ଼ାଏ ତୁମର ।
ପୁଷ୍କରଣୀ ପଦ୍ମ ହେବ ତାହା ବ ଗୃହେଁନା
କର ମୋତେ ଫୁଲଟିଏ ଅଛ ମୋ କାମନା,
ବାସ ଥାଉ କ ନଥାଉ
କର୍ମ ଜାଣି ଫଳ ଦେବ ଆହେ ମହାବାହୁ ।
ସ୍ୱର୍ଗ ପାଋଜାତ ହୋଇ ପରୀ କବରୀରେ
ଶୋଭ୍ ପାଇବାକୁ ଇଚ୍ଛା ନାହିଁ ମୋ ଅନ୍ତରେ
ପରୀ ଅଳଙ୍କାର ହେବ
ସେ ବଡ଼ପଣ ପାଇ ମୁଁ କେଉଁ ଲ୍ଭ ପାଇବ ?
ପ୍ରେମୀ ଯୁଗଳଙ୍କ ସେହ ବରଣ ମାଳାରେ
ସ୍ଥାନ ପାଇବାକୁ ଇଚ୍ଛା ନାହିଁ ହୃଦୟରେ
ପ୍ରେମେ ଅଛ ମୋ ସନ୍ଦେହ
ମୁଁ କାହିଁକି ତୁଚ୍ଛାଟାରେ ସାକ୍ଷୀ ହେବ କୁହ ?
ର୍‌ଜା ପାର୍ଥିବ ଶରୀରେ ପାଇବାକୁ ସ୍ଥାନ

ଇଚ୍ଛାନାହିଁ ପାଇବାକୁ ଅନ୍ତିମ ସମ୍ମାନ

ଦେବଶୀରେ ରହିବାକୁ

ହୃଦୟ ମୋ ଗ୍ଭହୁଁନାହିଁ ଏହି ସମ୍ମାନକୁ ।

ହେ କରୁଣାମୟ କର କରୁଣା ହେ ମୋତେ

ଏପରି କୁସୁମ କର ଏଥିଅନ୍ତେ

ମାଳୀ ନୟନେ ପଡ଼ିବ

ତୋଳି ନେଇଯିବ ବୋଲି ପଥ ଗ୍ଭହିଁଥିବ ।

ସେ ମାଳୀ ତୋଳିକି ନେବ ସେ ପଥେ ବିଞ୍ଚିବ

ଯେଉଁପଥେ ଦେଶପ୍ରେମୀ ଶବ ଯାଉଥିବ,

ଯିବ ଅନ୍ତିମ ଯାତ୍ରାକୁ

ଶବ ବୋହି ଗ୍ଭଲୁଥିବେ ମୋର ଉପରକୁ ।

ସେତିକିରେ ଜନ୍ମ ମୋର ହେବଟି ସାର୍ଥକ

ଏତିକି ଗୁହାରି ରଖ ଆହେ ପଦ୍ମମୁଖ,

କର ମୋତେ ସେ କୁସୁମ

ପାଇପାରିବ ଯେହ୍ନେ ମୁଁ ଅନ୍ତିମ ଦର୍ଶନ ।

ହିନ୍ଦୀ କବି ମାଖନଲାଲ୍ ଚତୁର୍ବେଦୀଙ୍କ ପ୍ରଖ୍ୟାତ କବିତା

"ଫୁଲ୍ କି ଗ୍ଭହ୍' ର ଓଡ଼ିଆ ଭାଷାନ୍ତରଣ

# ଟପର୍ ପୁଅ !



ଡା ସୌମ୍ୟ ରଞ୍ଜନ ମିଶ୍ର

ପୁଅ ମୋର ଏ ଯାଏଁ ଶିଖୁନାହିଁ, କହୁନାହିଁ କଥା
ହେଲେ ସ୍କୁଲ୍ ପ୍ରବେଶପାଇଁ ଘରଣୀଙ୍କ ମନେ ନାନା ଚିନ୍ତା ।
ବୋଧହୁଏ ଏ କଥା ସେ ମନେ ମନେ ଭାବି ହେଉଥିଲେ
ଦିନେ ମୋ ଆଗେ ସୁଖାଦ୍ୟ ପରଶି ସୁଆଗେ କହିଲେ
ବିହାରରେ ତୁମେ ଚାକିରୀ କଲେ କେମିତି ହୁଅନ୍ତା ?
ପୁଅ ବି ଆମର ସେଠି ଭଲ ସ୍କୁଲରେ ପଢ଼ନ୍ତା ।
ଶୁଣୁଛି ବାଜଲେ ବିହାରୀ ପାଣି ଓ ପବନ
ଆକାଶ ବି ତୁମ ଆଗେ କରଇ ନମନ ।
ଆଚ୍ଛେସ୍ ହୋଇ ପୁଅ ମୋର କରନ୍ତା ଅୟସ
ବାପ ହୋଇ ତୁମେ କଣ କରିପାରିବନି ଏତିକି ପ୍ରୟାସ ?
ଓଡ଼ିଶାରେ ପଢ଼ାପଢ଼ି ଆଉ ପିଲାଙ୍କ ଭବିଷ୍ୟତ ନେଇ
ଡାଡ଼ିମମ୍ମି, ଗୁରୁମା ଗୁରୁଜୀ ଭାରି ସନ୍ଦିହାନ
ଟପର୍ ହୋଇବା ଏଠାରେ ଦୁଃସାଧ୍ୟ ଟିକେ ପରେ
ଭଗବାନଙ୍କ ସାକ୍ଷାତ ପାଇବା ସମାନ
ଟଙ୍କା କିଛି ଫିଙ୍ଗି ଦେଲେ ସିଏ ଟପର୍ ହୁଅନ୍ତା
ମମିଡାଡ଼ି ବୋଲି ଆମ ମୁଣ୍ଡ ସେମିତି ସଳଖ ରହନ୍ତା ।
କହିଲି, ବାପ ହୋଇ ମୁଁ କଣ କରୁନାହିଁ ଚିନ୍ତା ?
ପୁଅ ଆଗେ ଖଡ଼ି ଛୁଉଁ, ତା'ପରେ କରିବା ବ୍ୟବସ୍ଥା ।
ଟପର୍ ହେବାକୁ ଆମେ ବିହାର ଯିବା ଆବଶ୍ୟକ ନାହିଁ
ଓଡ଼ିଶାରେ ଶିକ୍ଷା ବିହାର ଅଛି ମାଳମାଳ ହୋଇ
ଖାଲି ତୁମ ବାପାଙ୍କୁ କହ ନାତିପାଇଁ ମାଲ୍ କିଛି କାଢ଼
ଆଉ ସବୁ ମୋର ପାରିବା ପଣିଆ ଉପରେ ଛାଡ଼ ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀଉ
କେନ୍ଦ୍ରାପଡ଼ା, ୭୫୪୨୧୨
ମୋବାଇଲ୍ : ୯୯୩୭୩୭୪୩୪୨
ଇମେଲ୍ - dr.srmishra@gmail.com

# ପ୍ରେମ ହେଲା ସପନ



କ୍ଷେତ୍ରବାସୀ ଜେନା

'ସପନର ସେହି ସୁନାକଳସୀରେ
ଭରିଥିଲି ମୁଁହି ପାଣି
ପିଇବା ଆଗରୁ ମୋ ମନ ମନ୍ଦିରୁ
ନେଲା କିଏ ତା'କୁ କିଣି ।
ସପନ ମୋହର ସପନେ ରହିଲା
ବାସ୍ତବତା ତାର ନାହିଁ
ଜୀବନକୁ ଅଧା ପଥେ ଛାଡ଼ିଦେଇ
କେମିତି ପାରୁଛ ରହି ?
ମନେପକା ସେହି ପ୍ରୀତିର ରଜନୀ
ହୋଇଥିଲି ସଜବାଜ
ସବୁ ଭୁଲିଗଲି ପ୍ରିୟତମା ମୋର
ଆଜି ଆଉ କାହା କବାଟ ଆଉଜ ?

ରାତି ବି ପାଉନି ଦିନ ବି ଯାଉନି
ନ ଦେଖିଲେ ତୋ ମୁଁହ
ପଥର କି ହେଲି ମଉନ ବସିଲି
ଆଉ ଆଖିରେ ବି ନ ଚାଁହି ।

# ସେମାନେ ଏବେ କେଉଁଠି ?



ପ୍ରକାଶ ରଞ୍ଜନ ପରଡ଼ା

ଜଣେ ପରେ ଜଣେ
ମୋ ଛାଇକୁ ଛୁଇଁ
ଅତକ୍ରମ କରଗଲେଣି ସମସ୍ତେ,
ଅଥଚ ନର୍କଭୂଇଁରେ
ମୋ ପାଦ ଦୁଇଟି ତଥାପି ନଥର
କେଉଁଗୋଟେ ସମ୍ଭାବନାହୀନ
ବେରଙ୍ଗୀ ସ୍ୱପ୍ନରେ ।

ଆଖିର ଆମନ୍ତ୍ରଣରେ
ଯେଉଁମାନେ ବେଶ୍ କେଇ କ୍ଷଣ
ସାମିଲ ହୋଇଥିଲେ ମୋ ନଲଠା ସ୍ୱପ୍ନରେ,
ମନ ଦେଇ ମନ ନେଲେ
ଆହର ଲୁହରେ ଭଗ ବସେଇଲେ
ସେମାନେ ଏବେ କେଉଁଠି ଯେ ?

ଢେର୍ ଦନ ଖୋଜହେଲ ପାଦଚହ୍ନ
ସ୍ମୃତରେ ବତୁରଲ ଆଖି
ବାଁ ପାପୁଲରେ ଲୁହ ପୋଛି ଦେଇ
ଏକା ଏକା ବଞ୍ଚିବା ଶିଖିଲ
କାନ୍ଦି କାନ୍ଦି ହସିବାକୁ ଜୀବନ ଭବଲ ।

# ଗୀତ



ଜ୍ୟୋର୍ତିମୟୀ ଷଡ଼ଙ୍ଗୀ

ଗୀତ ମନତଳ ଏକ ଅକୁହା କଥା

ଥରେ ଗାଇଲେ ଏ ଗୀତ ମନ ହୋଇ ଯାଏ ହାଲକା ।

ହୃଦୟ ଛୁଇଁଲେ ଗୀତ

ମନ ଝୁମି ଯାଏ

ମନ ତଳେ ଥିବା ଦୁଖ ଦୂର ହୋଇ ଯାଏ ।

ଗୀତରୁ ସୃଷ୍ଟି ହୁଏ

ସାତ ସଙ୍ଗୀତର ସ୍ୱର

ସେଇ ସ୍ୱରରେ ଥାଏ

ନୂଆ ଶବ୍ଦର ଝଙ୍କାର ।

ଗୀତ ପ୍ରେମିକର ମନକୁ ଗ୍ଭେରାଏ

ପ୍ରେମିକା ହୃଦୟରେ ଘର କରନଏ ।

ଗୀତ ଲେଖାରେ କବ

ହୁଏ ଆତ୍ମହରା

ତା ଗୀତକୁ ପଢ଼ି

ଝୁମି ଉଠେ ଦୁନଆ ସାରା ।

ଶରଧା ବାଲି, ବ୍ରହ୍ମପୁର – ୧୦

# ବର୍ଷା



ବରୁଣ କୁମାର ଦାସ

ଅସ୍ତବ୍ୟସ୍ତ କରଛ
ଆଶ୍ରିତ ଜୀବନ ସବୁକୁ
ନୂଆଁଣିଆ ଗୁଳଘରେ
ସୁଯୋଗ ନେଇ
ଲୁଚ ଲୁଚ ଗଳପଡ଼ି ।
ଅଂଟା ଭିଡ଼ିଥିବା
ଦୀନାସ୍ୱାଇଁ ଲାଗି
ଅମଳର ଅଙ୍କଟା
ଅସମାହତ
ସବୁ କଛକୁ ବାଜଧର ।
ଆଶ୍ରିତ ପଥିକ ପାଇଁ
ରେକ ପାରୁନ ପତ୍ରପତ୍ରରେ
ପବନ ସହ ଫେଣ୍ଟାଫେଣ୍ଟି
ଜଳଧାରାକୁ
ମସ୍ତ ବରଗଛଟା
ବାହୁ ସବୁକୁ ବଡ଼ ବଡ଼ କର ।
ମନ୍ଦିର ବେଢ଼ାରେ ଆଟକ
ଶାବକଟେ
ବଜୁଳୀ ତାଣ୍ଡବରେ ଶୀହରତ
ସାହାର୍ ଖୋଜ
ମାକୁ ଡାକ ଗୁଲଛ
ମେଁ ମେଁ ରଡ଼ିକର ।
ଚୂଲି ଭତରେ
ନଜକୁ ଭଗଟ କରନେଇଛ ପାଣି
ପେଟ ଭତରେ ଜଳୁଛ ନଆଁ
ଦାବାନଳ ପର ।

ବରୁଣ କୁମାର ଦାସ
ରାମନଗର କଲେଜ, ପୂର୍ବ ମେଦନାପୁର, ପଶ୍ଚିମବଙ୍ଗ
ଇମେଲ୍ - barunkumardas1@gmail.com

# ଅହଂକାର



ମାଧବ ଚନ୍ଦ୍ର ଜେନା

ତମ ପାଦର ପାଉଁଜି ପରି

ମୋ ନିଶ୍ୱାସର ଅହଂକାର

ବାଜୁଥିଲେ ସବୁ ସୁନ୍ଦର

ଛିଡ଼ିଗଲେ ସବୁକିଛି

ପୋଡ଼ା ଅଂଗାର ।

ଭିଜିବାକୁ ମନା

କେବେ କେବେ ଏ ବର୍ଷା

କରେ ମତେ ଆନମନା,

ଭିଜୁ ଥାଏ ସାରି ଦୁନିଆ

ମତେ କିନ୍ତୁ ଭିଜିବାକୁ ମନା ।

ଇସାଣପୁର, ବ୍ରହ୍ମବରଦା,

ଯାଜପୁର, ଓଡିଶା- ୭୫୫୦୦୫

# ତ୍ରିବେଣୀ



ବିନୟ ମହାପାତ୍ର

ସବୁକିଛି ଭୁଲିଗଲା ପରେ
ସବୁ ଦୀପ ଲିଭିଗଲା ପରେ
ସବୁକିଛି ସରି ଗଲା ପରେ
ପୁଣି ଥରେ
ମନେ ପକାଇବାକୁ ଇଚ୍ଛା ହୁଏ ।
ଭାବିବାକୁ ସେଇ ଅତୀତକୁ
ସୁଖର ଦୁଃଖର ମିଳନର ବିରହର
ହସର କାନ୍ଦର ସେଇ ଦିନମାନଙ୍କୁ
ସରି ଯାଇଥିବା ସେଇ ଘଟଣାମାନଙ୍କୁ
ପୁଣି ଥରେ ଦେଖିବାକୁ
ପୁଣି ଥରେ ଜିଇଁବାକୁ ଇଚ୍ଛା ହୁଏ ।
(କେଉଁ ମନ ପସନ୍ଦ ଦୃଶ୍ୟକୁ ବାରମ୍ବାର
ରିୱାଇଣ୍ଡ କରି ଦେଖିଲା ପରି)

ଅଣ୍ଡାଳିବାକୁ ଭାରି ଇଚ୍ଛା ହୁଏ
ସ୍ମୃତିର ମଶାଣୀର ପାଉଁଶ ଗଦାରୁ
ଅତୀତର ହାଡ଼ କେଇ ଖଣ୍ଡ
ବିସର୍ଜିବାକୁ ସମୟର ତ୍ରିବେଣୀରେ ।
ଖୁବ୍ ଇଚ୍ଛା ହୁଏ
ମନର କାନଭାସ୍‌ରେ

ଆଙ୍କିବାକୁ
କେହିଜଣେ ପ୍ରିୟତମର ଛବି ।
ରଙ୍ଗ ଆଉ ତୁଳୀ ଆଣେ
ମନଇଚ୍ଛା ରଙ୍ଗ ଭରିଯାଏ
ଆଙ୍କିଯାଏ ଏ କାହାର ପ୍ରତିବିମ୍ବ
ମନେ ପକାଇବାକୁ ବହୁତ ଚେଷ୍ଟା କରେ
ପାଖରୁ ଦେଖେ ପୁଣି ଦୂରରୁ
ଡାହାଣରୁ ଦେଖେ ପୁଣି ବାମରୁ
ତଥାପି ପଡ଼େନା ମନେ
କିଏ ଏଇ ମୋର ଅତି ଆପଣାର ?
ସମସ୍ତେ ତ ଦୂରେଇ ଗଲେ
ନିଜର ସ୍ୱାର୍ଥସିଦ୍ଧି ପରେ
କିଏ ସିଏ ରହିଗଲା ମୋ ସାଥିରେ
ନାଟକର ଅନ୍ତ ପର୍ଯ୍ୟନ୍ତ ?
କିଏ ସିଏ ମୋର ଅତି ଆପଣାର
ଯାହାର ଛବି ମୁଁ ଆଙ୍କିଛି
ବହୁତ ନିରୀକ୍ଷଣ ପରେ
ମୁଁ ତାକୁ ଚିହ୍ନି ପାରିଲି
ଇଏ ତ ମୋଅରି ଛବି ।

# ମଧ୍ୟାହ୍ନ



ବିନୟ ମହାପାତ୍ର

ଦିପହରର ଏ ଉଦୁଉଦିଆ ଖରାରେ
ରାସ୍ତାର ମଝି ମଝି ଠିଆ ହୋଇ
ମୁଁ ପଛକୁ ଦେଖିଲି ଆଗକୁ ବି ।
ଦିନ ଦିପହର ସୂର୍ଯ୍ୟ
ତାର ଯୌବନର ଚରମରେ ।
ସୂର୍ଯ୍ୟ କେମିତି ଭୁଲିଗଲା
ସକାଳର ସେଇ ତାର
ଶୈଶବର ନାଲିମା
କୋମଳ ମଖମଲି କୁତୁକୁତୁ କଲା ପରି
ମିଠା ମିଠା ଉଷୁମ କିରଣ ?
ଏଇ ତ ଜୀବନର ସତ୍ୟ
ଜୀବନର ଶ୍ରେଷ୍ଠତମ ସମୟ ।
ଯୌବନର ପ୍ରଚଣ୍ଡ ଆବେଗ
ପୂର୍ବାହ୍ନର ଋଣ ଶୁଝିବାର ସମୟ
ଅପରାହ୍ନ ପାଇଁ ଋଣ ଦେବାର ସମୟ ।
ମଧ୍ୟାହ୍ନର ସମସ୍ତ ପ୍ରଚେଷ୍ଟା
ମଧ୍ୟାହ୍ନର ସବୁ ପରିଶ୍ରମ
ଏକ ସୁନେଲି ସଂଧ୍ୟା ଉପହାର ଦେବ ।
ଏଇ ଦିନର ମଧ୍ୟାହ୍ନ
ତୋ ଜୀବନର ମଧ୍ୟାହ୍ନର
ଆନନ୍ଦ ନିଅ ଭରପୂର ବିନିଯୋଗ କର
ଏକ ସୁରକ୍ଷିତ ସୁନେଲି ଅପରାହ୍ନ ଆଉ
ଆନନ୍ଦମୟ ସନ୍ଧ୍ୟା ପାଇଁ ।

# ହେ ବନ୍ଧୁ ଦେଖାଦଅ



ଜ୍ୟୋତକଶୋର ମହାନ୍ତ

ଆଉ କେତଦନ ଲୁଚ ଲୁଚ ଏକା ରହୁଥିବ
ହେ ବନ୍ଧୁ ତୁମେ ଥରେ ଦେଖାଦଅ ।
ଏମିତ ଆଉ କେତେଦନ ନରବରେ ଏକା ରହୁଥିବ
ହେ ବନ୍ଧୁ ତୁମେ ଥରେ ଦେଖାଦଅ ।
ଆଜମୁଁ କହୁଛ, ସତ ମୁଁ କହୁଛ ପାରବନ ଆଉ ଏକା ରହ
ହେ ବନ୍ଧୁ ତୁମେ ଥରେ ଦେଖାଦଅ !!!
ଆଉ କେତେଦନ ନରବରେ ଏକା ରହୁଥିବ
କେତେଦନ ଆଖି ମୋର ନଦ ଭୁଲୁଥିବ
ବନା ନଦେ ସପନରେ ବନ୍ଧୁ ଖୋଜୁଥିବ
କେତେଦନ କବତା ଲେଖି ଦୁଃଖ ଭୁଲୁଥିବ
ଏକା ଏକା ଆକାଶରୁ ତାର୍ ଗଣୁଥିବ
କେତେଦନ ମନଟାକୁ ବାନ୍ଧିରଖିଥିବ !!!
ଆଉ କେତଦନ ଲୁଚ ଲୁଚ ଏକା ରହୁଥିବ
କେତେଦନ ମନଟାକୁ ଗୁପିରଖିଥିବ
କେବେ ବେଂଗାଲୁରୁ, କେବେ କଲକତା
ଏମିତ କେତେଦନ ଲୁଚ ଲୁଚ ଏକା ବୁଲୁଥିବ
ହେ ବନ୍ଧୁ ତୁମେ ଯୁଆଡ଼େ ଯାଅ , ଯୋଉଠିଥାଅ , ଭଲରେଥାଅ
ଏତକ ଗୁହାରକରେ ପ୍ରଭୁ କାଳଆ ପାଖେ.......
ପ୍ରଭୁ କାଳଆ ପାଖେ.......
ପ୍ରଭୁ କାଳଆ ପାଖେ....... !!!

ବାଂକଆ,କେନ୍ଦୁଝର୍ ,ଓଡିଶା
ହେଲୋ: ୯୦୪୦୩୧୫୨୯୨

# ବିରତି



ପ୍ରୀତିପ୍ରିୟଦର୍ଶିନୀ ମହାପାତ୍ର

ବେଳେ ବେଳେ

କଲମ ଧରିବାକୁ ମନ ହୁଏ

ହେଲେ ଆଉ କଲମ ଗୃଲେନା

ପୁଣି କେବେ

ଭାବନାର ମନପବନ ଘୋଡ଼ାକୁ

ଦଉଡ଼ାଇବାକୁ ଛଟପଟ ହୁଏ

କିନ୍ତୁ ସେ ଧର୍ ଦିଏନା ।

କୋହର ଉଚ୍ଛୁଳା ନଈରେ

ଆଶା ବୋଇତର କାତ ଧରେନା ।

ତଥାପି ଏ ଅନ୍ତ ନୁହେଁ

କେବଳ ବିରତି, ବିରତି,

ଗ୍ରେଟ ବିରତି.... ପରେ !!!

# ବନ୍ଧନ



ପ୍ରଶାନ୍ତ କୁମାର ନାଥ

ମୋ ସାଥେ ବାନ୍ଧିଲୁ ଏମିତ ବନ୍ଧନ
ସାଥୀ ତୁ କାହିଁକି କହ
ଭୁଲଯିବ ବୋଲ ଯେତେ ମୁଁ ଭବଲେ
ଆଖିରେ ନାଚେ ତୋ ମୁହଁ ।
ସତ ତୁ କହଲେ ମୋ ବନା ସାଥି
କେମିତ କଟେ ତୋ ଦନ
ତୋ ବନା ସତେ ଲେ ଗୋଟାଏ ମୁହୂର୍ତ୍ତ
ବୁଝେନ ମୋହର ମନ ।
ଏକାନ୍ତରେ ବସି କେବେ ବୁଝାଇଛ
ଅବୁଝା ମନକୁ ମୋର
ଗୋଟାଏ ଉତ୍ତର କେବଳ ପାଇଛ
କର ପାରବନ ପର ।
ଜାଣି ନାହିଁ ମୁହିଁ ଭୁଲଛୁ କ ନାହିଁ
କରଛୁ କ ନାହିଁ ପର
ଭବୁଛ ମୋ ପର ଜଳୁଥିବୁ ତୁହ
ଝରୁଥିବ ଲୁହ ତୋର ।
ହୁଏ ତ ସମ୍ପର୍କ ତୁଟି ଯାଇପାରେ
ହେଲେ ସରବନ ପ୍ରେମ
ଯେଉଁଠି ଯେମିତ ଯା ସାଥେ ଥିଲେ ବ
ନେଉଥିବ ତୋର ନାମ ।

ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତପୁର, ଯାଜପୁର

# ନବକଳେବର ରଥଯାତ୍ରା



ହିମାଂଶୁ ଶେଖର ବାରିକ୍

ପୁରୁଣା ଶରୀର ପାତାଳ କରି
ନବକଳେବର ଧାରଣ କରି
ବଡଦାଣ୍ଡେ ରଥ ଉପରେ ବସି
ଦରଶନ ଦେଇ ମନ ହରଷି
ଭକତ କଲୁ ତୃପତ
ଆହେ ଜଗନ୍ନାଥ
ତୋ ଲୀଳା ଅମୃତ
ପାନେ ସର୍ବ ହରଷିତ (୧)
ବଡଦାଣ୍ଡ ଆଜି ଜନ ସମୁଦ୍ର
ନିଦାଘ ବର୍ଷାକୁ ନାହିଁ ଖାତିର
ବ୍ରହ୍ମ ଯାହାର ହୋଇଲା ବିଭ୍ରାଟ
ତାଠାରେ ପୁଣି ଏପରି ଆକୃଷ୍ଟ
ଲୀଳାମୟ ଭଗବାନ
ତା ଲୀଳା ବର୍ଣ୍ଣନ
ପାଇଁ କେହି ଜନ
ମହୀରେ ହୋଇନି ଜନ୍ମ (୨)
ଘଣ୍ଟି ଘଣ୍ଟା ମର୍ଦ୍ଦଳ କରତାଳ
ପଖାଉଜ କାହାଳୀ ଢୋଲ ଖୋଳ
ଦୋସରି ଟମକ ଶିଙ୍ଘା ଝଂଜାଳ
ବେଣୁ ଭେରୀ ତୁରୀ ଝାଞ୍ଜ କଂସାଳ

ଆଦ ଦେବ ବାଦ୍ୟ ସ୍ୱନ
ନନାଦେ ପହଣ୍ଡି କର ଢଳ ଢଳ
ଆସୁଛନ୍ତ ଦାରୁବ୍ରହ୍ମ (୩)
ଦବ୍ୟନାଦର ସୁମଧୁର ଧ୍ୱନ
ପ୍ରଭୁଙ୍କର ମନଲୋଭା ଗୃହାଣୀ
ଭକତ ଜନ ହୁଅନ୍ତ ମୋହତ
ମାୟା ସଂସାର ହୁଅଇ ବସ୍ମୃତ
ଦବ୍ୟାନନ୍ଦେ ଭରପୁର
ଚତୁର୍ଦ୍ଧା ମୂରତ ପ୍ରତ ଜାଗେ ଭକ୍ତି
ଭକତ ହୃଦ କନ୍ଦର (୪)
ଗୁଣ୍ଡି ରତନ ସିଂହାସନ ଆଜ
ଭକତ ପାଇଁ ରଥରେ ବରାଜ
କର ଉଦବଗନ ସମାପନ
ବଡଦାଣ୍ଡରେ ଦେଲ ଦରଶନ
ଅତ ମନୋହର ରୂପ
କରେ ଆକର୍ଷଣ ଚତ୍ତ ସର୍ବ ଜନ
ପରମବ୍ରହ୍ମ ସ୍ୱରୂପ (୫)
ଗଜପତ ରାଜା ଛେରା ପହଁରା
ପରେ ଭକ୍ତ ଜନ ଦେଖି ଅଧିରା
ରଥ ଟଣା ପର୍ବ ହେଲା ପ୍ରସ୍ତୁତ
ଭକତ ମନ ହେଲା ଉଚ୍ଛ୍ୱସିତ
ଘୋର ଘୋର ନାଦ କର
ତନ ରଥେ ତନ ଠାକୁର ବସାଇ
ଭକତ ନେଲେ ଘୋଷାର (୬)

ବରଷ୍ଠ ଅଡ଼ିଟ୍ ଅଧିକାରୀ
କ୍ୱାର୍ଟର୍ ନଂ : ଟାଇପ୍ ୩ - ୨୦୧
ନୁଆ ଏଜ କଲୋନୀ, ନୟାପଲ୍ଲୀ
ଭୁବନେଶ୍ୱର - ୭୫୧୦୧୨, ଓଡ଼ିଶା
ଦୂରଭାଷ : ୯୯୩୭୧୨୫୮୨୪ / ୯୪୩୭୩୮୧୭୦୧
ଇମେଲ୍ - hsbarik1970@gmail.com

# ସାଥୀ



ଲକ୍ଷ୍ମୀକାନ୍ତ ମହାରଣା (ପରଭୃତ)

ଦମକାଏ ପବନରେ ଦମକଲା ମେଦନୀ ମନର
ବେଦମ୍ ହେଲା ମୋ ଦମ୍, ଉଡ଼ିବାରେ ଦୂର ଗଗନର
ଶକ୍ତ ଶିକୁଳରେ ହେଲି ଦୃଢ଼ବନ୍ଦୀ ସୁନ୍ଦର ଭାବରେ
ରୂପାର ଥାଳରେ କ୍ଷୀର ଖାଇଲି ମୁଁ ସୁନା ଗ୍ରୀମଚରେ ।

ପଦ୍ମଭୁକପଣ ମୋର ମୁଗ୍ଧ ହେଲା ସ୍ନିଗ୍ଧ ସ୍ମିତହର୍ଷେ
ମୋ କଳ୍ପନା ରଙ୍ଗ ଯେତେ ବୃଦ୍ଧି ହେଲା ବାସ୍ତବତା ସ୍ପର୍ଶେ
ଯାଦୁଘର ମୋ ଯୁଆନ୍ ଜୀବନର ଯାତରା କାଳରେ
ଯାବକ ରଞ୍ଜିତ ଯୋଡ଼େ ପାଦ ଗ୍ଲିଲ ସକାଳ ସଞ୍ଜରେ ।

ଯୁଆଡ଼େ ବୁଲାଲ ମୁହଁ ସାଥୀ ତୁମ ସ୍ୱରୂପ ଦେଖିଲି
ବନ୍ଦୀ ପକ୍ଷୀ ପଞ୍ଜୁରୀରେ ସ୍ୱାଧୀନତା ଯେତେ ହରେଇଲି ।
ଜୀବନ ବୃନ୍ଦାବନରେ ଯଉବନ ବଂଶୀ ବାଜୁଥିଲା
ଅଧା ରହ ରାଧା ଡାକ ରୁକ୍ମଣୀର ଆବର୍ଭାବ ହେଲା ।

ଦ୍ୱାରକା ପାଲଟି ଗଲା ବପିନଟେ ଫୁଲଫଳ ଭରା
ଗ୍ରାସୁଅଛ ତାକୁ ଏବେ ବର୍ଦ୍ଧମାନ ବାର୍ଦ୍ଧକ୍ୟର ଖରା ।

# ଆଶା



ଦଲ୍ଲୀପ କୁମାର ପ୍ରଧାନ

କେତେ ଆଶା ଥିଲା ମନରେ ମୋହର

ଦେଖିବ ତୋ ବଧୁବେଶ,

ସବାରୀ ଉଠିଲେ କୋକେଇ ଉଠେ ମୋ

ମଶାଣୀ ସାଜନ୍ତ ମିତ ।

ସବାରୀବାଲାଙ୍କୁ ଅନୁରୋଧ କର

ସବାରୀ ରଖିବୁ ତୋର

ଶବପାଖେ ମୋର ନମସ୍କାର କର

ଚାଲିଯିବୁ ଶାଶୁଘର ।

କେଉଁ ରଜାପୁଅ ତୋ ହାତ ଧରଲା

ତା ଭଗ୍ୟ କେଡ଼େ ସୁନ୍ଦର

ଭଗ୍ୟରେ ନାହିଁ ମୋ ତୋ ପର ରାଣୀଲେ

ପ୍ରେମ ମୋ କଳଙ୍କ ଗାର ।

# ଜୀବନ


ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

ଜୀବନକୁ ପଚାରିଲି ଥରେ ଅପରାହ୍ନରେ

ତୁ ପୁଣି ଆସୁ ଖୁବ୍ ନୀରବରେ

ହସୁଥାଉ ଖୁବ୍ ପାଖରେ

ମୁଁ ତୋତେ କେମିତି ଜାଣିପାରୁନି

ହସି କହିଲୁ କେବେଠାରୁ

ତୁ ମୋ କବଳରେ

ତୋର ହସ, ଲୁହ

ଅଭିମାନର କୋହ

କଟିଯାଉଥିବା ଏ ଦିନ ସବୁ

ମୋ ଆୟତ୍ତରେ

ରାଗରୁଷା ଅଭିଯୋଗ

କୋହରେ ଲୁହ ପିଇବା

ଓଠରଥରିବା

ଆଖିର ଭାବ ବି

ମୋ ଅବଦାନ

କାହିଁକି ଏମିତି ହୁଏ

କାହା ହାତଧରି ଆଗକୁ ଟାଣି ନେବାରେ

କାହା ସହ ମିଶି ରାତି ଦିନ କଟାଇବାରେ

ନିଜକୁ ଭୁଲି ଆଉ କାହାପାଇଁ

କିଛି କରିବାକୁ ଚାହିଁବାରେ

ଏତେ ସୁନ୍ଦର ଜୀବନର ଖେଳରେ

ମୁଁ କେବେଠାରୁ ଚାଲିଛି

ଏ ଖେଳରେ ଓ ପିଚ୍ଛିଳ ରାସ୍ତାରେ

ମୁଁ ବି ଜାଣେନା

ସେ ଅପରିଚିତ ଭାବୁଥିଲି

କିନ୍ତୁ ସେ ମୋତେ ଖୁବ୍ ଭଲରେ ଜାଣେ

ମୁଁ କଣ ଜୀଇଁଛି ଏ ଜୀବନ

ସେ ଜୀଇଁଛି ମୋ ସହ ବୋଲି

ଏବେ ଜାଣିଲି

ଓ ଖୁବ୍ ନୀରବରେ

ନିକଟରୁ ତା'ର ହସିଲି

ବରିଷ୍ଠା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞା

ବ୍ରହ୍ମପୁର, ଓଡ଼ିଶା

# ଜତବ ମୁଁ ପ୍ରେମର ବାଜ



ମୋହନ ଚନ୍ଦ୍ର ବଷୋୟୀ

ମେଘ ଦୋଳରେ ଆସିଲ ବସି
ଶ୍ରାବଣେ ବରଷା ସାଜ ।
ଖୋଲ୍ ଆକାଶ ତଳେ ବହରୁଥିଲ ମୁଁ
ତୁମ ଆଗମନେ ଗଲ ଭଜ ।
ତୁମ ସ୍ପର୍ଶରେ ଥିଲ୍ କେତେ ପୁଲ୍ଲକତା
ଅବର୍ଣ୍ଣନୀୟ ଉତ୍ସୁକତାର ଛବ ।
ଦେହେ ଖେଳୁଅଛ ଅକଳନା ଶିହରଣ
ସେହ ଶ୍ରାବଣର ତୁମ କଥା ଦେଲେ ଭବ ।
ପୁଣି ଆସିଥିଲ ଦନେ ଗ୍ନଦନୀ ଗତରେ
ଗ୍ନନ୍ଦର ଶୀତଳ ଗ୍ନଦନୀ ସାଜ ।
ନଝୁମ୍ ଗତର ତାରାଙ୍କ ମେଳରେ
ତୁମେ କୌତୁହଳେ ଗଲ ମଜ୍ଜି ।
ମନେ ମନେ ମୁହିଁ ତୁମକୁ ପାଇବା ପାଇଁ
ନଜ ସାଥେ ନଜେ ରଖିଲ ବାଜ ।
ଆଖି ଖୋଲକର ଦେଖେତ
ତୁମ ଯାଇଥିଲ କେଣେ ହଜ ।
ଖୋଜଲ କେତେ ତାରାଙ୍କ ଗହଳେ, ଗ୍ନନ୍ଦର ଉହାଡ଼େ
ମୁଁ ନଶାଚର ନଜେ ସାଜ ।
ସ୍ୱପ୍ନେ ନୁହେଁ ସତରେ ଆସି ଦେଖ ଥରେ
ନଶ୍ଚେ ଜତବ ମୁଁ ପ୍ରେମର ବାଜ ।
ଶ୍ରାବଣେ ଅବା ଫଗୁଣେ ସାଥି ଗ୍ନଲଆ ଥରେ
ଇନ୍ଦ୍ରଧନୁ ଆଙ୍କିବ ଆମ ପ୍ରେମ ଆକଶରେ ।

ସ୍ଥାନ:ଖରଖରିଆ, ଚକଟି, ଗଞ୍ଜାମ୍, ଓଡିଶା
ଦୂରଭାଷ:୦୮୮୯୭୨୧୨୬୦୨

# ଗୋମୁତ୍ର ଅତ୍ୟନ୍ତ ମୂଲ୍ୟବାନ



www.odiaguru.com

ଏହିପରି ଅନେକ ଆଲେଖ୍ୟ ପଢ଼ିବା ପାଇଁ ଓଡ଼ିଆଗୁରୁ.କମ୍ ୱେବ୍‌ସାଇଟ୍ ଦେଖନ୍ତୁ

ଯଦି ଆପଣ ଗୋମୁତ୍ରକୁ କୁଦୃଷ୍ଟିରେ ଦେଖୁଥାନ୍ତି ତେବେ ମନେ ରଖନ୍ତୁ ଏଥିରେ ସୁନା ଥିବାର ପ୍ରମାଣ ମିଳିସାରିଛି ।

ଗାଈର କେବଳ ଦୁଗ୍‌ଧ ହିଁ ନୁହେଁ ବରଂ ମୂତ୍ର ମଧ୍ୟ ଅତ୍ୟନ୍ତ ଲାଭଦାୟକ ବୋଲି ଆମେ ଯୁଗ ଯୁଗରୁ ଶୁଣି ଆସୁଛେ । ଭାରତୀୟ ଚିକିତ୍ସା ପଦ୍ଧତିରେ ମଧ୍ୟ ଏହାର ବ୍ୟବହାର ଦେଖିବାକୁ ମିଳିଥାଏ । ପୌରାଣିକ କଥାରୁ ଆରମ୍ଭ କରି ଆଧୁନିକ ଆୟୁର୍ବେଦ ପର୍ଯ୍ୟନ୍ତ ସବୁସ୍ଥାନରେ ଗୋମୁତ୍ରର ବର୍ଣ୍ଣନା ଦେଖିବାକୁ ମିଳିଥାଏ ।

କିଛି ଆୟୁର୍ବେଦୀୟ ଗ୍ରନ୍ଥ ଅନୁସାରେ ଗୋମୂତ୍ରରେ ଅନେକ ରୋଗବିନାଶକାରୀ ତତ୍ତ୍ୱ ସମେତ ସ୍ୱର୍ଣ୍ଣ ବା ସୁନା ବି ଥାଏ ଯାହା ଆମ ସ୍ୱାସ୍ଥ୍ୟପାଇଁ ଅତ୍ୟନ୍ତ ଲାଭଦାୟକ । ଏହାଦ୍ୱାରା ଶରୀରକୁ ରୋଗପ୍ରତିଷେଧକ ଶକ୍ତି ମିଳିଥାଏ । କିନ୍ତୁ ଅନେକେ ଏହାକୁ ମିଥ୍ୟା ଏବଂ କପୋଳକଳ୍ପିତ କଥା ବୋଲି ଭାବନ୍ତି, ହେଲେ ଏବେ ବୈଜ୍ଞାନିକ ପରୀକ୍ଷଣରୁ ଏହା ସିଦ୍ଧ ହୋଇସାରିଛି ।

ନିକଟ ଅତୀତରେ ଜୁନାଗଡ଼ ବିଶ୍ୱବିଦ୍ୟାଳୟର ପ୍ରାଣୀ ଚିକିତ୍ସା ବିଭାଗର ବୈଜ୍ଞାନିକମାନେ ନିଜ ପରୀକ୍ଷଣରୁ

ପାଇଛନ୍ତି ଯେ, ଗୋମୂତ୍ରରେ ସୁନାର କଣିକା ଥାଏ । ଏହି ପରୀକ୍ଷା ସେମାନେ ଗୁଜୁରାଟର ଗିର୍ ଅଞ୍ଚଳର ଗାଇ ମାନଙ୍କ ମୂତ୍ରପରୀକ୍ଷଣରୁ ଜାଣିବାକୁ ପାଇଛନ୍ତି । ଆସନ୍ତୁ ଜାଣିବା ବୈଜ୍ଞାନିକମାନେ ପରୀକ୍ଷାରୁ କଣ ପାଇଛନ୍ତି ।

*ଗୋମୂତ୍ରରେ ସୁନା ଥାଏ*

ସମ୍ବାଦପତ୍ର ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶିତ ସମ୍ବାଦରେ କୁହାଯାଉଛି ଯେ ଜୁନାଗଡ଼ସ୍ଥିତ କୃଷି ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଗିର୍ ଅଞ୍ଚଳର ୪୦୦ ଗାଇଙ୍କର ମୂତ୍ର ପରୀକ୍ଷଣ ପରେ ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ ସେଥିରେ ସୁନାର ଅଂଶ ରହିଛି । ସେହି ଅଞ୍ଚଳର ଗାଇମାନଙ୍କର ଏକ ଲିଟର ମୂତ୍ରରେ ୩ରୁ ୧୦ ମିଲିଗ୍ରାମ ସୁନା ମିଳିଥିବା କଥା ସେମାନେ କହିଛନ୍ତି । ଏହି ସୁନା ଜଳରେ ଦ୍ରବ ଭାବରେ ସୁନାର ଲବଣ ଅବସ୍ଥାରେ ମିଳିଛି ।

ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜୀ ବିଭାଗ ପ୍ରମୁଖ ଡ: ବି ଏ ଗୋଲକୀୟାଙ୍କ ନେତୃତ୍ୱରେ ଗବେଷକଙ୍କ ଏକ ଦଳ ଗାଇମାନଙ୍କର ମୂତ୍ରର ପରୀକ୍ଷାପାଇଁ ଗ୍ୟାସ କ୍ରୋମାଟୋଗ୍ରାଫି ଏବଂ ମାସ୍ ସ୍ପେକ୍ଟ୍ରୋମେଟ୍ରୀର ବ୍ୟବହାର କରିଥିଲେ ।

ଡ: ଗୋଲକୀୟାଙ୍କ ଅନୁଯାୟୀ ସେମାନେ ଗିର୍ ଅଞ୍ଚଳର ୪୦୦ ଗାଇଙ୍କର ମୂତ୍ର ନମୂନା ପରୀକ୍ଷା କରିଥିଲେ ଏବଂ ଏହା ସହ ସେମାନେ ମହିଷାଦି ପଶୁମାନଙ୍କର ମୂତ୍ର ପରୀକ୍ଷା କରିଥିଲେ, କିନ୍ତୁ କେବଳ ଗାଇ ମୂତ୍ରରେ ହିଁ ସେମାନେ ସୁନା ସମେତ ଆଣ୍ଟିବାୟୋଟିକ୍ ତତ୍ତ୍ୱ ପାଇଥିଲେ । ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ଗୋମୂତ୍ରରେ ଥିବା ସୁନାକୁ ବିଭିନ୍ନ ପ୍ରକ୍ରିୟାଦ୍ୱାରା ଅଲଗା କରାଯାଇପାରିବ ଏବଂ ଏହାକୁ ସୁନା ଭାବରେ ବ୍ୟବହାର କରାଯାଇପାରିବ । ଏହି ଗୋମୂତ୍ରରେ ୫୧୦୦ ପ୍ରକାରର ଭିନ୍ନ ଭିନ୍ନ ଉପାଦାନ ମିଳିଛି ଏବଂ ସେଥିରୁ ୩୮୮ଟି ଉପାଦାନ ଔଷଧଭାବରେ ଅତ୍ୟନ୍ତ ମୂଲ୍ୟବାନ ହୋଇପାରେ । ଏବେ ସେମାନେ ଗାଇ ମାନଙ୍କର ଅନ୍ୟ ସମସ୍ତ ପ୍ରଜାତିର ଗୋମୂତ୍ର ପରୀକ୍ଷଣ କରିବେ ବୋଲି କହିଛନ୍ତି ।

# ମା’ କାନିର ମହକ



କମଳାକାନ୍ତ ସୁବୁଦ୍ଧି

ଚନ୍ଦନ କୁମାର ଦଶବର୍ଷ ବୟସର ବାଳକ ଭରି ଚଗଲାଟିଏ । ଦିନକର ଘଟଣା, ଘର ବାରଣ୍ଡାରେ ବସି ପଢୁଥାଏ । ସେଦିନ ଥିଲା ରବିବାର ଛୁଟିଦିନ । ଏକ ଫେରିବାଲା ସେ ସାହିର କିଛି ଦୂରରେ ପ୍ଲାଷ୍ଟିକ୍ ଖେଳଣା ଓ ଗୃହ ସାମଗ୍ରୀ ଦେଉଛି ପୁଣି ପୁରୁଣା ଫଟା ଚିରା ଲୁଗା ବଦଳରେ ।

ଚନ୍ଦନ ଫାଷ୍ଟିକ୍ ଉଡ଼ାଜାହାଜଟିଏ ଦେଖି ଆସି କହେ ବୋଉ ବୋଉ ତୋର ଗୋଟିଏ ପୁରୁଣା ଫଟାଚିରା ଲୁଗା ଦେଲୁ, ମୁଁ ଲୁଗା ଦେଇ ଖେଳଣାଟିଏ କିଣି ଆଣିବି । ବୋଉର ଗୋଟିଏ ପୁରୁଣା ଲୁଗା ନେଇ ଚାଲିଗଲା । ପ୍ଲାଷ୍ଟିକର ଚିକ୍ ମିକ୍ କରୁଥିବା ଉଡ଼ାଜାହାଜ ହାତରେ ନେଇ ଘରକୁ ଦଉଡ଼ି ଆସୁଥିବା ବେଳେ ହଠାତ୍ ରାସ୍ତାରେ ଅଟକି ଗଲା । ମନେ ପଡ଼ିଗଲା ତାର ସେହି ଅତି ଆପଣାର ସ୍ନେହ ମମତାଭରା ବୋଉ ଲୁଗାଟିର ପଣତକାନିର ମହକ ।

ଖେଳଣାଟିକୁ ଫେରାଇ ଦେଇ ଲୁଗା ଧରି ଘରକୁ ଚାଲି ଆସିଲା । ତା ବୋଉ ଏହା ଦେଖି

ପଚ୍ଚରିଲେ, କରେ କଣ ହେଲା ? ଖେଳଣା ଦେଲା ନାହିଁ କ ? ସେ କହିଲା, ନା ବୋଉ ଯେଉଁ ପଣତ ମୋ ହସଖୁସିର ସାଥୀ, ଖାଇସାରି ମୁହଁ ପୋଛିଦିଏ । ସୁଖ ଦୁଃଖରେ ସେଇ ପଣତ ତଳେ ଶୋଇଛି, ସେସବୁର ମୁଲ କଣ ଏଇ ସାମାନ୍ୟ ଖେଳଣା ? କେମିତି ସେ ଲୁଗାକୁ ଦେଇଥାନ୍ତି କହିଲୁ ବୋଉ ?

ତୋର ସେଇ ପଣତକାନିରେ ଅଛି ଅମୂଲ୍ୟ ସ୍ନେହ ଓ ମମତାର ମହକର ମୋହ, ଯାହା ମୋତେ ବାଧା ଦେଲା । ତେଣୁ ଫେରି ଆସିଲି । ମା ଆଖିରୁ ଲୁହ ଧାରେ ଖସିଆସିଲା ।

ନଇରୀ, ଖୋର୍ଦ୍ଧା

# ହୁମାର ପ୍ରସିଦ୍ଧ ବକ୍ରମନ୍ଦିର



ସୁଶାନ୍ତ ପୁରୋହତ

ଇଟାଲୀର ଢଳତ ସ୍ତମ୍ଭ (The Leaning Tower Of Pisa) ପୃଥିବୀର ସପ୍ତ ଆଶ୍ଚର୍ଯ୍ୟ ଭତରେ ବଖ୍ୟାତ । ଦଲ୍ଲୀର କୁତବ ମିନାର ମଧ ଢଳତ ସ୍ତମ୍ଭ ହସାବରେ ଦର୍ଶକଙ୍କୁ ଚମତ୍କୃତ କରଥାଏ । ତେବେ ଆମ ଓଡ଼ିଶାର ଐତହାସିକ ତଥା ଅତୀବ ସୁନ୍ଦର ଢଳତ ମନ୍ଦିର ମହାନଦୀର ରମଣୀୟ ଏକ ସ୍ଥାନ ହୁମା ଠାରେ ଅବସ୍ଥିତ । ଏହା ପୃଥିବୀର ଏକମାତ୍ର ଢଳତ ମନ୍ଦିରର ମାନ୍ୟତା ପାଇଥିଲେ ହେଁ ଅବହେଳା କାରଣରୁ ଯେତକ ପ୍ରସିଦ୍ଧି ପାଇବା କଥା ଆଜଯାଏ ପାଇ ନାହିଁ ।

ସମ୍ବଲପୁର ସହର ଠାରୁ ମାତ୍ର ୨୭ କଲୋମିଟର ଦୂର ମାନେଶ୍ୱର ବ୍ଲକର ହୁମା ଗ୍ରାମ ସନ୍ନକଟରେ ମହାନଦୀର ଏକ ଅତୀବ ସୁନ୍ଦର ସ୍ଥାନ, ଯେଉଁଠି ପ୍ରକୃତ ଭରଦେଇଛ ତାର ସବୁ ସୁନ୍ଦରତା, ସେଇଠି ଏହ ହୁମା ବାବା ବମଳେଶ୍ୱରଙ୍କ ମନ୍ଦିର ଅବସ୍ଥିତ । ବରାଟ ଏକ ପ୍ରସ୍ତର ଚଟାଣ ଉପରେ ଏହ ମନ୍ଦିରଟି ପଶ୍ଚିମ ଦଗକୁ ୪୭ ଡିଗ୍ରୀ ଯାଏ ଢଳ ରହଛ । ତେବେ ପ୍ରତ୍ନତତ୍ତ୍ୱବଦ ମାନଙ୍କ ମତରେ ଏହ ମନ୍ଦିର ପୂର୍ଣ୍ଣ



ରୂପରେ ନିରାପଦ ଅଛି । ଏହାର ନିର୍ମାଣ କାଳ ବିଷୟରେ ଆଜି ଯାଏ ସଠିକ ପ୍ରମାଣ ମିଳିନାହିଁ । ଲୋକବାଦ କହେ ଏହା ସମ୍ବଲପୁରର ପଞ୍ଚମ ରାଜା ବଳିୟାର ସିଂହଦେବଙ୍କ ଦ୍ୱାରା ସପ୍ତଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା । କିନ୍ତୁ କେତେକ ଐତିହାସିକ ତଥ୍ୟ କହେ ଏହା ୧୫୫୦ ମସିହାରେ ପ୍ରଥମ ରାଜା ବଳରାମ ଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା ।

ଏହା ଏପରି ଢଳି ରହିଥିବାର କାରଣ ମଧ୍ୟ ଆଜିଯାଏ ସଠିକ ଜଣା ପଡ଼ିନାହିଁ । କେତେକ ପ୍ରତ୍ନତତ୍ତ୍ୱବିଦ କୁହନ୍ତି ଯେ ମହାନଦୀର ପ୍ରବଳ ବନ୍ୟା ଜଳରୁ  ରକ୍ଷା ପାଇବାକୁ ଏପରି ଢଳିତ ଅବସ୍ଥାରେ ତିଆରି ହୋଇଥିଲା । ଆଉ କେତେକଙ୍କ ମତରେ ଏହି ମନ୍ଦିର ନିର୍ମାଣ ପରେ ମହାନଦୀର ପ୍ରଖର ଜଳସ୍ରୋତର ପ୍ରଭାବରେ ଏହାର ମୂଳଦୁଆ ଦବିଯିବା ହେତୁ ଏହା ଗୋଟିଏ ଦିଗକୁ ଢଳି ରହିଛି । ତେବେ ଅନେକ ଶତାବ୍ଦୀଧରି ଏହି ମନ୍ଦିର ସୁରକ୍ଷିତ ଥିବାର ପ୍ରମାଣ ମିଳେ ।

ମନ୍ଦିର ଚତୁର୍ଦିଗରେ ସବୁଜିମା ଭରି ରହି ମନ୍ଦିରର ଶୋଭା ବର୍ଦ୍ଧନ କରେ, କିନ୍ତୁ ତାହାର ମୁଖ୍ୟ ଆକର୍ଷଣ ହେଲା ମନ୍ଦିର ସନ୍ନିକଟରେ କୁଳୁ କୁଳୁ ନାଦ କରି ବହି ଯାଉଥିବା ମହାନଦୀର ଜଳସଂଭାର । ସେଇଠାରେ ଜମି ରହିଥିବା ଜଳରେ ବହୁତ ସଂଖ୍ୟାରେ ବଡ଼ ଓ ରଙ୍ଗୀନ ମାଛ ସବୁ ନିର୍ଭୟରେ ପହଁରୁଥିବାର ଦେଖାଯାଏ । ପର୍ଯ୍ୟଟକ ମାନେ ପାଖକୁ ଗଲେ ସେମାନେ ତାଙ୍କ ପାଖକୁ ଆସି ତାଙ୍କ ହାତରୁ ଖାଦ୍ୟ ମଧ୍ୟ ନିଅନ୍ତି । ସେହି ମାଛ ମାନଙ୍କୁ ପବିତ୍ର ମାଛ ବୋଲି କୁହାଯାଏ । କେହି କେବେ ସେମାନଙ୍କୁ ଶିକାର କରନ୍ତି ନାହିଁ । କଥାରେ କୁହାଯାଏ ଭଗବାନ ନିଜେ ମୀନ ଅବତାରରେ ସେଠାରେ ଅବତୀର୍ଣ୍ଣ ହୋଇଥିଲେ ।

ଏହି ପୀଠରେ ଶିବରାତ୍ରି ପର୍ବ ଦିନ ଖୁବ ଆଡ଼ମ୍ବର ସହକାରେ ପାଳନ କରାଯାଏ । ଶ୍ରାବଣ ମାସର  ବର୍ଷାଦିନରେ ବୋଲବୋମ ଭକ୍ତଙ୍କ ଭିଡ଼ ଲାଗେ ପ୍ରତି ସୋମବାର ଦିନ । ବର୍ଷ ସାରା ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ ଆସନ୍ତି ମନ୍ଦିର ଭ୍ରମଣ ପାଇଁ ।

ବନ୍ଧୁ ମାନେ କେବେ ସୁଯୋଗ ପାଇଲେ ହୁମା ମନ୍ଦିରକୁ ଯାଇ ସେଇ ପବିତ୍ର ଓ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କରନ୍ତୁ ।

ଅବସରପ୍ରାପ୍ତ ଅଧିକ୍ଷ, ସମ୍ବଲପୁର

# ଅନଲାଇନ୍‌ରେ ପାଇବେ ମହାପ୍ରସାଦ



ଶକ୍ତି ପ୍ରସାଦ ପାଳ

ଭୁବନେଶ୍ୱର, ୨୧-୬-୨୦୧୬ : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ମହାପ୍ରସାଦ' ବର୍ତ୍ତମାନ ଅତି ସହଜରେ ଅନଲାଇନ୍ ମାଧ୍ୟମରେ ଉପଲବ୍ଧ ହେଉଛି । ଏହି ପ୍ରସାଦ ପାଇବା ପାଇଁ ଆପଣ ଆମ ୱେବ୍‌ସାଇଟ୍ www.shrikhetra.com ବ୍ୟବହାର କରିପାରିବେ । ଶ୍ରୀମନ୍ଦିରରେ ବ୍ୟବହାର୍ଯ୍ୟ ପ୍ରସାଦ, ପୂଜା ଉପକରଣ ଇତ୍ୟାଦି ସମସ୍ତ ଦ୍ରବ୍ୟ ଆମ ୱେବସାଇଟରୁ ଆପଣ ସୁଲଭ ଦରରେ ପାଇ ପାରିବେ । ଏହା ସହିତ ଅନ୍ୟାନ୍ୟ ସେବା ଯଥା ନୀଳଚକ୍ରରେ ପତାକା ବାନ୍ଧିବା, ବାଇଶି ପାହାଚରେ ଶ୍ରାଦ୍ଧ କରିବା, ବ୍ରାହ୍ମଣ ଭୋଜନ, ଅଭିଷେକ ଆଦି ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ଶ୍ରୀମନ୍ଦିର ପରିକ୍ରମା ଏବଂ ଅଞ୍ଚତୀର୍ଥ ପାଇଁ ଗାଇଡ୍ କରିବାର ବ୍ୟବସ୍ଥା ରଖାଯାଇଛି । ଦେଶର ଯେ କୌଣସି ସ୍ଥାନରୁ ଅର୍ଡର୍ ଦିଆଯାଇ ପାରିବ, ଏବଂ ତାଜା ଓ ଟଟକା ମହାପ୍ରସାଦ ଅତି ସୁଲଭ ମୂଲ୍ୟରେ ସୀମିତ ସମୟ ମଧ୍ୟରେ ଦେଇଥିବା ଠିକଣାରେ ବିଶ୍ୱସ୍ତଯୋଗ୍ୟ କୁରିୟର୍ ମାଧ୍ୟମରେ ପଠାଇ ଦିଆଯିବ ବୋଲି ଏହି ୱେବସାଇଟର ପରିଚାଳକ ଶ୍ରୀ ଶକ୍ତି ପ୍ରସାଦ ପାଳ ଜଣାଇଛନ୍ତି ।

# ଅଭୁଲା ଅତୀତ, ଭବ୍ୟ ବର୍ତ୍ତମାନ



ମୁନା ମହାପାତ୍ର

- ନମସ୍କାର, ଆରେ ତମେ, ଆପଣ ! ଓଃ, କ୍ଷମା କରବେ ।

- ବସନ୍ତ ।ଏକା ଆସିଛନ୍ତ ନା ଆଉ କେହ ............

- ନା, ଏକା ଆସିଛ, ଆଉ କେହ ନୁହଁ ସାଥିରେ ।

----------------------------------------------

- ଆଚ୍ଛା ଖାଲ ଆମ ଅଫିସ୍ କାମରେ ଆସିଥିଲ ?

- ହଁ । ମୋତେ ପର ଆସିବାକୁ ହୋଇଛ ପୂର ୮/୧୦ ଦନ ଲ୍‌ଗି । ତମେ ତ ପୂର ବଦଳ ଯାଇଛ । ଟିକଏ ମୋଟା, ଚୁଟି ପାଚଗଲ୍‌ଣି, ପାଵାର ଚଷମା । ହଁ ସମୟ ବ ବହୁତ ଗ୍ଲ ଯାଇଛ ।ଗୋଟିଏ ଦୁଇଟି ନୁହଁ ; ଛବଶଟି ବରଷ ।

- କନ୍ତୁ ତୁମେ ଜମାରୁ ବଦଳ ନାହଁ । ସେଇ ପତଳା ଚେହେର, ସାଉଁଳା ଦେହ, ସେଇ ପୁରୁଣା କେଶ ସଜ୍ଜା............

- ଥାଉ............ , ଆଚ୍ଛା ପିଲ୍ ମାନେ କ'ଣ କରନ୍ତ ଆଉ ଭଉଜ ?

- ପିଲ୍ ମାନେ କଲେଜ ଗଲେଣି । ଭଉଜ ............ ମାନେ ମୋ ସ୍ତ୍ରୀ ........ ସେ ଆଉ ନାହିଁ, ଗ୍ଲଯାଇଛ ଆରପାର ।

- ଓଃ, କ୍ଷମା କରବ, ମୁଁ ଜାଣିନଥିଲ ............

- ଠିକ୍ ଅଛ, ଆଚ୍ଛା ତୁମ ପିଲ୍ ମାନେ ?

- ମୋ ପିଲ୍ ମାନେ ! ତମେ ତ କଲେଜ୍ ସାରବା ପରେ ଫେରଗଲ ନଜ ସହରକୁ । ଏତେ କଥା ଆଉ ଜାଣିବ କୁଆଡୁ ?

ମୋର ପାଠପଢ଼ା ସରଛ, ବାପା ଗ୍ଲଗଲେ କଛ ଦନରେ । ଘରେ ଆଉ ବଡ଼ କଏ ? ମୋତେ ହିଁ ଗ୍ଳକର କର ମାଁ ଆଉ ଦୁଇ ଭଉଣୀଙ୍କୁ ସମ୍ଭାଳବାକୁ ପଡ଼ିଥିଲ । ମାଁ'ର ଔଷଧ,

ଭଉଣୀମାନଙ୍କ ପାଠପଢ଼ା, ବାହାଘର, ଏସବୁ ଦାୟିତ୍ୱ ତୁଲାଇ ଦେଖେ ତ ମୋ ବୟସ ଗ୍ଡ଼ଲଯାଇଛି । ବାହାଘର, ପିଲାଛୁଆ ଆଉ କ'ଣ ?

---

କଲେଜ ସମୟ, ସେ ଓ ମୁଁ ଗୋଟିଏ ଶ୍ରେଣୀରେ ଥିଲୁ । ପାଠପଢ଼ା ଗ୍ଡ଼ଲଥାଏ ଦୁହିଁଙ୍କ । ସମୟ ବି ଆଜିକାଲିର ନଥିଲା । ଝିଅଟେ ସହ ମେନ୍ ରେଡ୍ କଥା ଦୂରରେ ଥାଉ, କଲେଜ ହତାରେ, ଶ୍ରେଣୀଗୃହରେ କଥା ପଦିଏ ହେବା ଏତେ ସହଜ ନଥିଲା । ଲୋକ ନିନ୍ଦା ଭୟ, ଶିକ୍ଷକ, ସମ୍ମାନକୁ ଭାରି ଡର ।

କିଛି ଦିନରେ କେଜାଣି କାହିଁକି ମନେ ମନେ ଭଲ ପାଇଥିଲି ତା'କୁ ମୁଁ । ଗ୍ଡ଼ହାଣି, ହାବଭାବରୁ ଲକ୍ଷ କଲି ସେ ମଧ୍ୟ ମୋତେ ଭଲପାଏ । କିନ୍ତୁ ଦିହେଁ ପର୍‌ର ସହ ସାଧାରଣ ଭାବେ କଥାବାର୍ତ୍ତା । ଅନ୍ତରର ଭାବ ଅନ୍ତରରେ ହିଁ କୁହୁଳୁଥିଲା ।

କଲେଜ ସରିବା ପରେ ଯାଏ ତା ପଛରେ କିଛି ବାଟ । ମନ ମାନେନି । କିନ୍ତୁ କିଛି କହିବାର ସାହସ ବି ନାହିଁ । ସନ୍ଧ୍ୟାରେ ଯାଏ ତାଙ୍କ ଘର ଦେଇ । ସେ ମଧ୍ୟ ଗ୍ଡ଼ପ୍ଡ଼ାରେ ଠିଆ ହେବା ସାହାସ କରେନି । କାଳେ ମୁଁ କିଛି କହିବି, ପଗ୍ଡ଼ରିବି ।

କିନ୍ତୁ ମୋର ଉଦ୍ଦେଶ୍ୟ ଥିଲା କଲେଜ ଭିତରେ କ'ଣ ବା କହିବି । ଯଦି ଘର ପାଖରେ ସୁଯୋଗ ମିଳେ । ମନକଥା କହି ଦେଖିଥାଆନ୍ତି । ସାହାସ ହେଲାନି । ଏମିତି ଯିବା ଆସିବା ମୋର ନିତିଦିନିଆ ରୁଟିନ୍ ପାଲଟିଗଲା ।

ଏମିତି ବି ସୁଯୋଗ ପାଇନି, ଦିନେ ମୋତେ ସେ ତାଙ୍କ ଘର ପାଖରେ ଡାକି କଥାହେବା, ଘର ସଦସ୍ୟଙ୍କ ସହ ପରିଚୟ କରାଇବା ଇତ୍ୟାଦି । ସତେ ଯେପରି ସେ ମୋତେ ଚିହ୍ନିନି । ଯଦି ପରିଚୟ ଦେବ ବା କ'ଣ ବୋଲି । ସମୟ ମଧ୍ୟ ସେ ପ୍ରକାରର ଥିଲା ।

କଲେଜ ପାଠପଢ଼ା ସରିଆସିବା ହେଲାଣି । ପାଠପଢ଼ାରେ ବ୍ୟତିକ୍ରମ ନୁହଁ ଦୁହିଁଙ୍କ । କିନ୍ତୁ ମନକଥା କିଏ କାହାକୁ କହିପାରିନଥିଲୁ । ଇତି ମଧ୍ୟରେ କଲେଜ ଛାଡ଼ିବା ସମୟ ଆସିଗଲାଣି ।

ଦିହେଁ ପରିଶେଷରେ କିଛି ସାହାସ କରି, କ୍ଲାସ୍ ସରିବା ପରେ ଟହଲ ମାରୁ କଲେଜ ପଡ଼ିଆରେ, ଗେଟ୍ ପାଖରେ, କିନ୍ତୁ ନିରବ । ଅନାବନା କଥା । ମୂଳ ପ୍ରସଙ୍ଗ, ମନକଥା କହିବାରେ ସାହାସ ନାହିଁ । କାଳେ ଥିବା ସଂପର୍କଟି ଖରାପ ହେବ । ବାସ୍ କିଛି ସାମାନ୍ୟ ଗପସପରେ ସାଙ୍ଗ ହୋଇ ରହିଗଲୁ ।

କଲେଜ ଛାଡ଼ିବା ଦିନଟି ଆସିଗଲା । ମନକଥା ମନରେ ହିଁ ରହିଗଲା । କଲେଜ ମୋର ସେଇ ପ୍ରିୟ ସହର ମୋତେ ଛାଡ଼ିବାକୁ ହେଲା । ଛାଡ଼ିଲି ମଧ୍ୟ ।

କଲେଜ୍ ଶେଷ ଦିନ ବହୁତ ଭାବନା । କାଲି ଆଉ କଲେଜ୍ ଆସିବା ଦରକାର ନାହିଁ । ଆସିଲେ ମଧ୍ୟ ସେ କିମ୍ବା ମୋ ସହପାଠୀ କେହି ନଥିବେ ।

ଯେଉଁ ଦିନ ସହର ଛାଡ଼ି ମୋତ ଯିବାକୁ ହେଲା, ତାଙ୍କ ଘରରୁ କିଛି ଦୂର ଦେଇ ମୋ' ବସ୍ ଯାଏ । ବାସ୍ ଘରଟିକୁ ଗ୍ଡ଼ହିଁଲି । ଏତେ ଭୋର୍‌ରୁ ସେ ବା କାହିଁକି ଛିଡ଼ା ହୋଇଥିବ ବାହାରେ । ବାସ୍ ସାହିରେ ସମସ୍ତଙ୍କ ବଲ୍‌ବ୍ ଜଳୁଛି । ଶୁନ୍‌ଶାନ । କୋହ ସମ୍ଭାଳି ଗ୍ଡ଼ଲିଛି ବସ୍‌ର ମନ୍ଥର ଗତି ସହ । ବସ୍‌ଟି ଘାଟି ଚଢ଼ିବା ଆରମ୍ଭ କଲା । ବସ୍ ଇଞ୍ଜିନ୍‌ର ସାମାନ୍ୟ ଗର୍ଜନ, ମୋ' ଆଖିରୁ ଝରୁଥାଏ

ଅହରହ ଲୁହ । ଗ୍ଲଲ ଆସିବାକୁ ହେଲା ମୋ' ସହରକୁ ।

ସେ ସମୟରେ ନା ମୋବାଇଲ୍ ନା ଯୁଗ ସେତେ ଆଗୁଆ । ଚଠି ବ ଯଦ ଦେବ କ'ଣ ବୋଲ । କଛି ତ କହପାରନଥିଲ ସମୟ ଥାଉ ଥାଉ । ଏବେ କ'ଣ ବା ଲାଭ ପାଇବ । ଛାଡ଼ ଯାହା ହେବାର ଥିଲା ହେଲା । ଏବେ ଏତେ କଥା ଭାବ ଆଉ କଛ ଲାଭ ନାହିଁ ।

---------------------------------------------

ବାସ୍ ପାଠପଢ଼ା ସରଛ । କଛ କାମ, ସାମାନ୍ୟ ରୋଜଗାରରେ ମନ ଦେଲ । ବହୁତ ସମୟ ପର୍ଯ୍ୟନ୍ତ ଭୁଲପାରନ ତାକୁ, ମୋ' କଲେଜ, କ୍ଲାସ୍ ରୁମ୍, ସେଇ ସହର । ସେ ସବୁ କେବଳ ସ୍ମୃତ ହୋଇ ରହଗଲା ମୋ' ଜୀବନରେ । ଥରେ ଅଧେ ଯିବାକୁ ହୁଏ ସେ ସହରକୁ କଛ କାମରେ । କଲେଜ କାମରେ ଯଦ ଯାଏ, ବହୁତ ଅପେକ୍ଷା କରବା ପରେ ଦେଖା ହୁଏ ତା ସହ । ପଦେ ଅଧେ କଥା ହୁଏ । କୋହ ଦୁହିଁଙ୍କ ମନରେ କୁହୁଳୁଥାଏ । କନ୍ତୁ ଏବେ ବ ନୀରବ । ମନ କଥା ପ୍ରକାଶ କରବା ପାଇଁ ସାହାସର ଅଭାବ ।

ବେଳେବେଳେ ଅକାରଣରେ ମଧ ଦୁଇ/ତ୍ନିର ଥର ଯାଇଥିଲ ତା' ସହରକୁ । ଦୁଇ/ତନ ଦନ ଲଜ୍‌ରେ ରହ ଚେଷ୍ଟା କରଥିଲ । କଥା ଦପଦ ହେବ ବୋଲ । ଭାବଲ ଆଉ ବୋଧେ ବାହାନା ମିଳ ପାରଲନ ତାକୁ, ଘରୁ ବାହାରବା ପାଇଁ ।

ମନରେ ପ୍ରବଳ ଇଚ୍ଛା ଥାଇ ମଧ ମନକଥା ମନରେ ମାର ମନକୁ ବୁଝାଇ ଫେରଆସିଥିଲ । ପୁଣି ମୋ କାମରେ ବ୍ୟସ୍ତ । କନ୍ତୁ ନତ ମନେ ପଡ଼େ ସେଇ ଅଭୁଲା ସ୍ମୃତର କଛ ପୃଷ୍ଠା ।

ଯା'ର ଭତରେ ମୁଁ ଗ୍ଲକରୀ କର ରୋଜଗାରକ୍ଷମ । ପୁରୁଣା କଥା ଭୁଲ ମୋତେ ଘର ସଂସାର କରବାକୁ ପଡ଼ିଥିଲା ।

ପନ୍ଦରଟି ବର୍ଷ ପରେ ମୋର ଦୁର୍ଭାଗ୍ୟ, ମୋ ସ୍ତ୍ରୀ ଗ୍ଲଲଗଲା ଆରପାର ଡାକରେ । ଗତ ପାଞ୍ଚ ବର୍ଷ ବାସ୍, ପିଲାଙ୍କ ମୁହଁ ଗ୍ଲହିଁ ଦନ କାଟୁଛ । ଆଉ ଦ୍ୱତୀୟ ବାହା କରବାର ସ୍ପୃହା ନାହିଁ ଏ ବୟସରେ ।

---------------------------------------------

ହଠାତ୍ ଛବଶ ବର୍ଷପରେ, ଯାହା ମୁଁ କାହିଁକ ବା ସ୍ୱପ୍ନରେ ସୁଦ୍ଧା ଭାବବ । ଏକ ପରଚତ ସ୍ୱର 'ନମସ୍କାର' । ଦେଖେ ତ ମୋ ଗଭୀର ଅତୀତର ସ୍ୱର୍ଣ୍ଣମ ସ୍ମୃତ ପୃଷ୍ଠାର ନାୟିକା । ସେଇ ଚେହେରା, ସେଇ ହସ ନେଇ ମୋ ସାମ୍ନାରେ ଉଭା । କଛ ସମୟ ମୋ ନଜ ଆଖିକୁ ବଶ୍ୱାସ କରପାର ନଥିଲ ।

ସେ ସମୟରେ ସେ କୁଆଡ଼େ ଗଲା, କେମିତ ଅଛ, କାହାକୁ ବାହାହୋଇଛ, କୌଣସି ଖୋଜ୍ ଖବର ନେଇ ନଥିଲ, ଇଚ୍ଛା ବ କରନଥିଲ । ପାଖ ବ ନୁହଁ, ତା ସହରଟି ମୋ ଠାରୁ ବହୁତ ଦୂରରେ ।

ବର୍ତ୍ତମାନ ସେ ଆସିଛ ଆଠ ଦଶଦନ ପାଇଁ କଛ କାମରେ ମୋ ଅଫିସ୍‌କୁ । ତା ପୁଣି ମୋ ଦାୟିତ୍ୱରେ ରହବେ ସେ ଓ ତାର ଟିମ୍ ।

---------------------------------------------

ଅଫିସ୍ କାମ ସକାଳରୁ ସନ୍ଧ୍ୟା ଯାଏ ଗ୍ଲଲେ । ଏବେ ଦୁହିଁଙ୍କ ପୂର୍ଣ୍ଣ ବକଶିତ ମସ୍ତିଷ୍କ । ଦୁହେଁ ଅଧାରୁ ଅଧିକ ବୟସ ପାର ହୋଇସାରଛୁ ।

ଅଫିସ୍ କାମ ସରଲା ପରେ ମୋର ଘରେ ବା କିଏ ଅଛ ଅତଥି ସତ୍କାର ପାଇଁ । ଦହେଁ ବାହାରେ ଟିକଏ ଗ୍ଲହା

ଜଳଖିଆ କରୁ ।  କିଛି ଅତୀତର ସ୍ମୃତି ତାଜା ହୁଏ । କିଛି ନୁଆ ଭାବର ବିନିମୟ । ବର୍ତ୍ତମାନ୍‌ର ଯୁଗ ମଧ୍ୟ କଲେଜ୍ ସମୟ ଅପେକ୍ଷା ବେଶ୍ ଆଗୁଆ । ନା ଶିକ୍ଷକ, ନା ଲୋକନିନ୍ଦା, ନା ସମ୍ମାନର ଭୟ । ବହୁତ ସମୟ ମିଳେ କଥାବାର୍ତ୍ତା ପାଇଁ । ଦୁହିଁଙ୍କୁ ଭଲ ଲାଗେ ମଧ୍ୟ ।

----------------------------------------------

- କଲେଜ ସମୟ ବହୁତ ମଜା ଥିଲା ନା ?

- ମଜା ବିଷୟ ଥାଉ, ଗୋଟିଏ କଥା ପଚାରିବି, ସତ କହିବ ? ଯାହା ଛବିଶ ବର୍ଷ ତଳେ ପଚାରିବାର ଥିଲା ।

- ମାନେ, ...... ନା ...... ହଁ ...... କ'ଣ ?

- ମୁଁ ସେ ସମୟରେ ତୁମକୁ ଭଲ ପାଇ ବସିଥିଲି । ତୁମେ ବି ମୋତେ ଭଲ ପାଉଥିଲ ନା ?

- ମାନେ .... ନା .... ହଁ .... କିନ୍ତୁ .... ଛାଡ଼ ....

- ଆଚ୍ଛା ମୋର ସାହାସ ନଥିଲା କହିବା ପାଇଁ, ତମେ ବି ଟିକିଏ ସାହାସ କରିପାରିଲନି ? କିମ୍ବା କହିବା ପାଇଁ ସୁଯୋଗ ବି ଦେଇନଥିଲ ନା ? ଯଦି ସେମିତି ହୁଅନ୍ତା ଆମ ଜୀବନ ସମୟ କିଛି ଅଲଗା ଥାଆନ୍ତା ନା ?

- ହଁ କିନ୍ତୁ ମୁଁ ପରି ଝିଅ ଟେ । ତମେ ବି ତ ପଦେଟେ କହିନି । ପୁଣି କ'ଣ କହିଥାନ୍ତି ଘରେ । ପୁଣି ତ ଘରର ବଡ଼ ଝିଅ । ବାପାଙ୍କ ଦେହ ବିଗିଡ଼ିଲା ପରେ ସମସ୍ତେ ମୋରି ଉପରେ ଆଶା ବାନ୍ଧିଥିଲେ ।

- ହଁ ମୁଁ ମଧ୍ୟ ରୋଜଗାରକ୍ଷମ ନଥିଲି ।

- ହଁ, ଏମିତି କିଛି ପରିସ୍ଥିତି ହିଁ ବାଧକ ସାଜିଥିଲା ଆମ ଭିତରେ .....

- ଆଚ୍ଛା, କୁହ, ଏବେ କ'ଣ ସେ ଇଚ୍ଛା, ଭଲପାଇବା, ସ୍ନେହ, କୋହ ରହିନି ତୁମ ମନରେ ।

- ଏ ସବୁ ଅଳିଆ ନୁହଁ, ମନ ଭିତରୁ ଫିଙ୍ଗି ଦେବା ପାଇଁ । ମନ କଥା ମନରେ ମାରି ବହୁତ କାନ୍ଦିଥିଲି ମୁଁ ମଧ୍ୟ । କିନ୍ତୁ କରିଯାଇପାରେ ଆଉ କ'ଣ ?

- ଏବେ କ'ଣ ଆମ ଅଧୁରା ସ୍ୱପ୍ନ ପୂରା କରିହେବନି ?

- ଏ ସବୁର ନିଷ୍ପତ୍ତି ନେବା ପାଇଁ ଆଉ ବଡ଼ କିଏ ଅଛି ? ମୋତେ ହିଁ ନେବାକୁ ହେବ ।

----------------------------------------------

ଭାଗ୍ୟର ବିଡ଼ମ୍ବନା ! କୋଉଠୁ ଆଣି କୋଉଠି ଥୋଇଲା । ଛବିଶଟି ବର୍ଷପରେ ମୋ' ଅତୀତର ସାଥୀ, ମୁଁ ଆଜି ଫେରି ପାଇଛି । ଅଳସରେ ହେଉ ପଛେ ।

କିନ୍ତୁ ଗୋଟିଏ ଅବଶୋଷ ମୋ ଜୀବନରେ, ମୋ ସ୍ତ୍ରୀକୁ ମୁଁ ହରାଇଛି । ଗୋଟିଏ ଅବଶୋଷ ତା' ଜୀବନରେ ପରିସ୍ଥିତିର ଚାପାରେ ପଡ଼ି ଗତ ଛବିଶଟି ବର୍ଷ ମୋ ସ୍ମୃତିରେ ସେ ଜଳାଞ୍ଜଳି ଦେଇଛି ତା ଜୀବନର ।

ଗୁଣୁପୁର, ରାୟଗଡ଼ା

# ମଞ୍ଜୁଷାର ବାସୁଦେବ ମନ୍ଦିର



ଶ୍ରୀ ଲିଙ୍ଗରାଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ



ଉତ୍ତର ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାର ଏକ ସହର ମଞ୍ଜୁଷା । ପୂର୍ବଘାଟ ପାର୍ବତ୍ୟାଞ୍ଚଳର ପାଦଦେଶରେ ଅବସ୍ଥିତ ଏହି ଅଞ୍ଚଳ ବାସୁଦେବ ମନ୍ଦିର ପାଇଁ ପ୍ରଖ୍ୟାତ । ଅତୀତରେ ସମୃଦ୍ଧ କଳିଙ୍ଗ ସାମ୍ରାଜ୍ୟର କେନ୍ଦ୍ରବିନ୍ଦୁରେ ଥିବା ଉତ୍ତର ଆନ୍ଧ୍ରପ୍ରଦେଶର ଅନେକ ମନ୍ଦିରରେ ଉତ୍କଳୀୟ କଳାସ୍ଥାପତ୍ୟର ଉତ୍କୃଷ୍ଟ ନିଦର୍ଶନ ଦେଖିବାକୁ ମିଳିଥାଏ । ସେଥି ମଧ୍ୟରୁ ବାସୁଦେବ ମନ୍ଦିର ଅନ୍ୟତମ । ଏହି ମନ୍ଦିରର କାନ୍ଥରେ ନିର୍ମିତ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କଳାସ୍ଥାପତ୍ୟ ଅତୀତର କଳିଙ୍ଗର ବୈଭବକୁ ବର୍ଣ୍ଣନା କରେ ।

ସପ୍ତାଦଶ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରକୁ ରାଜା ଶ୍ରୀନିବାସ ମହାରାଜ ଦେଓ ନିର୍ମାଣ କରାଇଥିଲେ । କିନ୍ତୁ ରାଜାଙ୍କ ନିଧନପରେ ରାଜବଂଶର ପତନ ହୋଇଥିଲା ଏବଂ ଏହି ମନ୍ଦିର ବିଚ୍ଛିନ୍ନ ହେବା ଅବସ୍ଥାକୁ ଆସିଯାଇଥିଲା । ମନ୍ଦିର ଉପରେ ବିଭିନ୍ନ ପ୍ରକାର ବୃକ୍ଷ ଲତା ଆଚ୍ଛାଦିତ ହୋଇ ରହିବା ଦ୍ୱାରା ଏହା ଏକ ବିଶିଦ୍ଧାଞ୍ଚଳରେ ପରିଣତ ହୋଇଥିଲା, ଯେଉଁଠାରେ ଦିନବେଳେ ବି ଲୋକମାନେ ଯିବାକୁ ଭୟ କରୁଥିଲେ ।

ବର୍ଷ ୨୦୦୪ ପରେ ଚିନ୍ନା ଜୀୟାର୍ ସ୍ୱାମୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଅଧିବାସୀମାନେ ଏହି ମନ୍ଦିରର ପୁନରୋଦ୍ଧାର ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ଏବଂ ମନ୍ଦିରର ବିଭିନ୍ନ ଭଗ୍ନାବଶେଷକୁ ଏକତ୍ରିତ କରାଯାଇଥିଲା । ମନ୍ଦିରର ପ୍ରତ୍ୟେକ ଶିଳାଖଣ୍ଡକୁ ଅତି ଯତ୍ନ ସହକାରେ ସଂଗ୍ରହକରି ମନ୍ଦିରକୁ ଏକ ପୂର୍ଣ୍ଣ ସ୍ୱରୂପ ଦେବାକୁ ପ୍ରଚେଷ୍ଟା କରାଯାଇଥିଲା ଏବଂ ପାଞ୍ଚବର୍ଷର ନିରବଚ୍ଛିନ୍ନ ପ୍ରଚେଷ୍ଟା ପରେ ଫେବୃଆରୀ ୧୯, ୨୦୦୯ ମସିହାରେ ଏହି ମନ୍ଦିର ପୁଣିଥରେ ଭକ୍ତମାନଙ୍କ ପାଇଁ ଖୋଲି ଦିଆଯାଇଥିଲା ।

ଓଡ଼ିଶାରୁ ଅଣାଯାଇଥିବା ଲାଲପଥରରେ ଏହି



ମନ୍ଦିରର ନିର୍ମାଣ ହୋଇଛି, ଏବଂ ଏଥିରେ ଦୁଇଟି ଭାଗ ରହିଛି । ମୁଖ୍ୟ ଭାଗ ବା ଗର୍ଭଗୃହ ଯେଉଁଠାରେ ଦେବତାଙ୍କ ପ୍ରତିମା ଶୋଭାପାଉଛି ଏବଂ ଅନ୍ତରାଳ । ଏହି ମନ୍ଦିରରେ ପୂଜିତ ହେଉଥିବା ବାସୁଦେବ ସ୍ୱାମୀଙ୍କ ପ୍ରସ୍ତର ପ୍ରତିମା ରାମେଶ୍ୱରମରୁ ଘୋଡ଼ାଗାଡ଼ିରେ ଅଣାଯାଇଥିଲା । ଛଅଫୁଟ ଉଚ୍ଚତା ବିଶିଷ୍ଟ ଏହି ପ୍ରତିମାକୁ ରାମେଶ୍ୱରମରୁ ମଞ୍ଜୁଷା ଆଣିବାପାଇଁ ଦୀର୍ଘ ଛଅମାସ ସମୟ ଲାଗିଯାଇଥିଲା । ବାସୁଦେବସ୍ୱାମୀଙ୍କ ପ୍ରତିମାର ଉଭୟ ପାର୍ଶ୍ୱରେ ଭୂଦେବୀ ଓ ଶ୍ରୀଦେବୀଙ୍କ ପ୍ରତିମା ଶୋଭାପାଉଛି । ତାମିଲନାଡୁରେ ଥିବା ଶ୍ରୀରଙ୍ଗପାଟଣାର ବାସୁଦେବସ୍ୱାମୀଙ୍କ ପ୍ରତିମା ସମାନ ପ୍ରତିମାକୁ ଏହି ମନ୍ଦିରରେ ସ୍ଥାପନା କରାଯାଇଛି । ଶ୍ରୀରଙ୍ଗପାଟଣାରେ ପ୍ରତିମା ଶୟନ ମୁଦ୍ରାରେ ରହିଥିବା ବେଳେ ଏଠାରେ ପ୍ରତିମା ଛିଡ଼ା ହୋଇଥିବା ମୁଦ୍ରାରେ ନିର୍ମାଣ ହୋଇଛି ।

ଏହି ମନ୍ଦିର ତିନି ଏକରର ଜମିରେ ନିର୍ମାଣ ହୋଇଥିବା ବେଳେ ମନ୍ଦିରକୁ ସଂଲଗ୍ନ ଏକ ପୁଷ୍କରଣୀ ମଧ୍ୟ ନିର୍ମାଣ ହୋଇଛି । ଗୋପାଳସାଗରଂ ନାମରେ ଏହି ପୁଷ୍କରଣୀ ନାମିତ ହୋଇଛି ।

ମନ୍ଦିରର ଗର୍ଭଗୃହ ଚତୁର୍କୋଣୀୟ ହୋଇଥିବା ବେଳେ ଏହାର ପୂର୍ବରେ ଧ୍ୟାନମଗ୍ନ ଶିବଙ୍କ ପ୍ରତିମା ଶୋଭାପାଉଛି । ଶିବଙ୍କ ସହ ବିଷ୍ଣୁଙ୍କ ଛବି ମଧ୍ୟ ଶୋଭାପାଉଛି । ବିଷ୍ଣୁଙ୍କ ଅବତାର ନୃସିଂହ ବାମନଙ୍କ ସମେତ ହନୁମାନଙ୍କ ଛବି ମଧ୍ୟ ଏଠାରେ ଶୋଭାପାଉଛି । ଦକ୍ଷିଣ ଭାଗରେ ବେଣୁ ଗୋପାଳଙ୍କ ଛବି ରହିଛି । ଏହି ସବୁ ଛବିକୁ ନିଖୁଣ କାରିଗରୀ ଦ୍ୱାରା ନିର୍ମାଣ କରାଯାଇଛି । ମନ୍ଦିରର ବାହ୍ୟ ପାର୍ଶ୍ୱରେ ଦମ୍ପତିମାନଙ୍କର ଯୌନସଂଭୋଗର ବିଭିନ୍ନ ମୁଦ୍ରାର ମୂର୍ତ୍ତିମାନ ରହିଛି ।









ମୂଳ ଇଂରେଜୀ ଆଲେଖ୍ୟ - ଶ୍ରୀ ଲିଙ୍ଗରାଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ

ଓଡ଼ିଆ ଭାଷାନ୍ତରଣ - ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ







# ପ୍ରେମ, ବର୍ଷା ଓ ଫେଭିକଲ୍



ଦୀପକ ଷଡଙ୍ଗୀ

ଆଷାଢ଼ ମାସର ପ୍ରଥମ ମୌସୁମୀ ବର୍ଷା ଉତ୍ତପ୍ତ ଧରାପୃଷ୍ଠକୁ ଟିକିଏ ଶାନ୍ତି ଦେଇଥିଲା ନିଶ୍ଚୟ; କିନ୍ତୁ ଏଇ ବର୍ଷା ଦିନେ ରୋହନର ଜୀବନ ପାଇଁ ଆଣିଥିଲା ଶ୍ରାବଣର ସବୁଜିମା ଓ ପ୍ରଳୟଙ୍କରୀ ବନ୍ୟା । ବାଣୀବିହାରର ରସାୟନ ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ରୋହନ ମିଶ୍ର, ଗୋପବନ୍ଧୁ ଛାତ୍ରାବାସର ପ୍ରଥମ ମହଲାର ୪୫ ନମ୍ବର ରୁମରୁ ଅଧା ଖୋଲା ଝରକା ବାଟେ ଦିଶୁଥିବା ବର୍ଷାକୁ ଦେଖି ପୃଷ୍ଠା ଲେଉଟାଇ ଚାଲି ଥିଲା ତା'ର ୭ ବର୍ଷ ତଳର ଅତୀତର ସେଇ ପୁରୁଣା ବହିକୁ.......

+୨ ପ୍ରଥମ ବର୍ଷରେ ନାମ ଲେଖିବାକୁ ରୋହନ ତା'ବାପାଙ୍କ ସହିତ ବର୍ଷାରେ ଭିଜିଭିଜି ଆସିଥିଲା କଟକର ଖ୍ରୀଷ୍ଟ ମହାବିଦ୍ୟାଳୟକୁ, ଲାଷ୍ଟ ସିଲେକସନରେ ତା ନାଁ ଆସିଥାଏ । ତା ବାପା ନେଇ ସବୁ ସାର୍ଟିଫିକେଟ ଏଡମିଶନ କାଉଣ୍ଟରରେ ଜମା କରୁଥାଆନ୍ତି । ରୋହନ ଛିଡ଼ା ହୋଇ ଥାଏ ତା ବାପାଙ୍କ ପାଖରେ । କାଉଣ୍ଟର ଭିତରୁ କର୍ମଚାରୀ ଜଣକ କହିଲେ ପୁଅର ଆଉ ଦୁଇଟା ଫଟୋ ଲାଗିବ, ଏଡ଼ମିଶନ ଫର୍ମରେ ତାକୁ କୁହନ୍ତୁ "ଫର୍ମର ଫ୍ରଣ୍ଟରେ ଦୁଇଟା ଫଟୋ ଅଠାରେ ଲଗେଇ ତା ଉପରେ ନିଜର ଦସ୍ତଖତ କରିବ" । ବାପା ଆସି ରୋହନକୁ କହିଲେ "ଫର୍ମରେ ଫଟୋ ଲଗେଇ ସାଇନ କରି ଦେ" । ରୋହନ ଫଟୋ ଲଗେଇବା ପାଇଁ ତା ବ୍ୟାଗ ଅଣ୍ଡାଳିଲା, କିନ୍ତୁ ଏ କଣ ଫେଭି କୁଇକ୍ ତ ଆଣିନି । ବାପାଙ୍କୁ କହିଲେ ବାପା ଚିଡ଼ିବେ ବିରକ୍ତ ହେବେ, ସେ ଦେଖିଲା ଯେ ବାପା

କାଉଣ୍ଟରର କର୍ମଚାରୀ ଜଣକ ସହ କଥା ହେଉଛନ୍ତି, ଏ ମଉକା ନେଇ ସେ ଚାଲିଗଲା ଟିକେ ଫେଭିକୁଇକ୍ ଯୋଗାଡ଼ କରିବା ପାଇଁ । ବାହାରେ ପ୍ରବଳ ବର୍ଷା, କୁଆଡ଼େ ଯିବ ଦୋକାନକୁ ଗଲେ ଫର୍ମ ସବୁ ବର୍ଷାରେ ଓଦା ହୋଇଯିବ। କଲେଜ ବାରଣ୍ଡାରେ ଛିଡ଼ା ହୋଇ କଣ କରିବ ବୋଲି ଭାବିଲା ବେଳକୁ ତାର ଆଖି ପଡ଼ିଲା ଆର୍ଟସ ବ୍ଲକର ଏଡ଼ମିଶନ କାଉଣ୍ଟରରେ, ସେଠି ମଧ୍ୟ କିଛି ଲୋକ ଫର୍ମ କାଉଣ୍ଟରରେ ଦାଖଲ କରିବା ପାଇଁ ଲାଇନରେ ଛିଡ଼ା ହୋଇଥାନ୍ତି । ସେ ଗଲା ସେ କାଉଣ୍ଟର ଆଡ଼କୁ, ଦେଖିଲା ଗୋଟେ ଗୋଲାପି ରଙ୍ଗର ଡ୍ରେସ ପିନ୍ଧିଥିବା ଝିଅ ହାତରେ ସାର୍ଟିଫିକେଟ ଜରି ଧରି ଛିଡ଼ା ହୋଇଛି, ସେ ବର୍ଷାରେ ଅଳ୍ପ ଅଳ୍ପ ଓଦା ହୋଇ ଯାଇଛି, ତା ଓଦା ହୋଇଯାଇଥିବା ଚୁଟିରୁ ଟିକେ ଟିକେ ପାଣି ଗଳି ପଡୁଛି, ଓଦା ହୋଇଯାଇଥିବା ଚୁନିଟାକୁ ଧୀରେ ଧୀରେ ସାଇଜ କରୁଛି, ଧଳା ରୁମାଲ ବ୍ୟାଗରୁ ବାହାର କରି ତା ତୋଫା ଗୋରି ମୁହଁଟାକୁ ପୋଛୁଛି । ରୋହନ ଧୀରେ ଯାଇ ତା ପାଖେ ଛିଡ଼ା ହେଲା ଆଉ ପଚାରିଲା "ଫେଭିକୁଇକ୍ ଅଛି କି"? ଆଉ କିଛି ରୋହନ ପଚାରିବା ପୂର୍ବରୁ ଝିଅଟି ଜରିରୁ ଫେଭି କୁଇକ୍‌ଟି କାଢ଼ି ରୋହନ ହାତକୁ ବଢ଼ାଇ ଦେଲା, ତରତରରେ କାଢ଼ିଲା ବେଳକୁ ତା ମାଟ୍ରିକ ସାର୍ଟିଫିକେଟର ଜେରକ୍ସ କପିଟା ଜରିରୁ ବାହାରି ଆସି ତଳେ ପଡ଼ିଲା, ରୋହନର ନଜର ତା ଉପରେ ପଡ଼ିଲା ଲେଖା ଥିଲା "ସୁରଭି ପଣ୍ଡା" ଆଉ କିଛି ପଢ଼ିବା ପୂର୍ବରୁ ଚଟ୍‌କରି ଝିଅଟି ସାର୍ଟିଫିକେଟଟା ତଳୁ ଉଠେଇ ନେଇ ଜରିରେ ରଖି ଦେଲା, ରୋହନ ସେଇଠି ଫେଭି କୁଇକରେ ତା ଫଟୋକୁ ଫର୍ମରେ ଲଗେଇ ଝିଅଟିକୁ ଫେଭି କୁଇକ ଫେରାଇ ଦେଲା ଓ ଥ୍ୟାଙ୍କ୍ ୟୁ ବୋଲି କହିଲା ଓ ଝିଅଟି ପ୍ରତି ଉତ୍ତରରେ ନୋ ମେନ୍‌ସନ୍ ବୋଲି କହି ଟିକେ ହସି ଦେଲା, ରୋହନ ବି ଟିକେ ହସି ଦେଇ ତା'ଠାରୁ ବିଦାୟ ନେଲା, ସୁରଭିର ସେଇ ହସ ଟିକକ କିନ୍ତୁ ରୋହନର କୈଶୋର ହୃଦୟରେ ଆଣିଦେଲା ପ୍ରଥମ ପ୍ରେମର ଉତ୍ତୁଙ୍ଗ ମାଦକତା ।

ଏଡ଼ମିଶନ ସରିଲା ଅଗଷ୍ଟ ମାସ ଆରମ୍ଭରୁ କ୍ଲାସ ଆରମ୍ଭ ହେବ ବୋଲି ଜଣେଇ ଦିଆଗଲା, ସେଦିନ ରାତିରେ କିନ୍ତୁ ଆଉ ରୋହନ ଶୋଇ ପାରିଲା ନାହିଁ, ତାର ହୃଦୟ ଓ ମନ କିଛି ଗୋଟେ ଅଶାନ୍ତ ହେବାର ସେ ଠିକ ଅନୁମାନ କରିପାରୁଥିଲା । ଅଗଷ୍ଟ ମାସ ଆରମ୍ଭ ହେଲା ସେ ତା ସାଇକେଲ ଧରି ବାହାରିଲା କଲେଜକୁ ପ୍ରଥମ କଲେଜର ପ୍ରଥମ ଦିନ ଟିକେ ଡର ମାଡୁଥାଏ ତାକୁ କ୍ଲାସରେ ବସିଲା କ୍ଲାସ ଦିନ ୩ ଟାରେ ସରିଲା; କିନ୍ତୁ ତାର ଆଖି ଖୋଜି ବୁଲୁଥାଏ ସୁରଭିକୁ, ଆର୍ଟସ ବ୍ଲକ୍ ଆଡ଼କୁ ଗଲା ତଥାପି ତାର ଟିକେ ଝଲକ ସେ ପାଇ ପାରିଲା ନାହିଁ । ନିରାଶ ହୋଇ ଫେରିଲା। ସେଇ ଚେହେରାକୁ ଟିକେ ଆଉ ଥରେ ଦେଖିବା ପାଇଁ ସତେ ଯେମିତି ସେ ବ୍ୟାକୁଳ ହୋଇ ଉଠୁଥିଲା । ଷ୍ଟାଣ୍ଡରୁ ସାଇକେଲକୁ ବାହାର କଲା, କଲେଜରୁ ଚାଲିଲା ଘର ଆଡ଼କୁ, ହଠାତ ତା ନଜର ପଡ଼ିଲା ସୁରଭି ଉପରେ । ବହି ଦୋକାନରେ ଛିଡ଼ା ହୋଇଛି ସେ କିଛି କିଣାକିଣି କରୁଛି, ରୋହନ ଗଲା ସେ ବହି ଦୋକାନ ଆଡକୁ; କିନ୍ତୁ ଭିତରକୁ ନ ଯାଇ ବାହାରେ ଅପେକ୍ଷା କଲା । ସୁରଭି କିଣାକିଣି ସାରି ବାହାରକୁ ଆସିଲା ରୋହନକୁ ଦେଖି ବୋଧେ ସେ ତାକୁ ଚିହ୍ନି ପାରିଲା; ସେଥିପାଇଁ ଟିକେ ହସି ଦେଲା ଏଥର ରୋହନ ସାହସ ସଞ୍ଚୟ କରି ତା ପାଖକୁ ଗଲା

ପଗ୍ଚରିଲା "ଆରେ ତମେ ଏଠି" ! ସୁରଭ କହିଲା "ହଁ ବହି କିଣିବାକୁ ଆସିଥିଲି" ଆଉ ତୁମର ଆର୍ଟସ, ସାୟେନ୍‌ସ ନା କମର୍ସ ? ଗେହନ କହିଲା "ସାୟେନ୍‌ସ" ଆଉ ତୁମର କେଉଁ ଷ୍ଟ୍ରିମ୍ ? ସୁରଭ କହିଲା "ଆର୍ଟ୍‌ସ ! ଆଚ୍ଛା ତୁମ ଘର କଣ ଏଇଠି" ? ଗେଶନ କହିଲା "ହଁ ଏଇ ଚଣ୍ଡୀ ଛକ ପାଖରେ ଆଉ ତୁମର" ? ସୁରଭ "ଆମ ଘର ଏଇ ବକ୍ସି ବଜାରରେ" ଏଇମିତ କିଛି ସମୟ ଗପସପ ହେଉହେଉ ଗ୍ଚଲିଲେ ଦୁଇ ଜଣ। ଚଣ୍ଡୀଛକର ଗ୍ଚରି ଛକରେ ଦୁଇ ଜଣ ଅଲଗା ହେଇ ଗ୍ଚଲିଗଲେ କିନ୍ତୁ କଥା ଦେଲେ ଯେ ଏଥର ସବୁ ଦିନେ ଏକା ସମୟରେ ଏଇ ଗ୍ଚରି ଛକ ପାଖରୁ ମିଶିକ କଲେଜ ଯିବେ ବୋଲି ଆଉ ସେଇଆ ହିଁ ହେଲା। ଗେହନ ଆଉ ସୁରଭର ବନ୍ଧୁତା ଧୀରେଧୀରେ ପ୍ରେମ ଆଡ଼କୁ ଆଗେଇଲା । କୈଶୋର ବୟସର ପ୍ରଥମ ପ୍ରେମ ଗେହନକୁ ଲାଗୁଥାଏ ଯେମିତ ସେ ଏକ ନୂଆ ଦୁନିଆର ପ୍ରେମର ମତୁଆଲା ବିହଙ୍ଗ ।

ଏମିତ କଟିଗଲା ଦୁଇବର୍ଷ ତାପରେ ଆସିଲା +୩ ବର୍ଷ । ଏଇ ବିଗତ ଦୁଇ ବର୍ଷରେ ଗେହନ ଆଉ ସୁରଭର ପ୍ରେମ ହୋଇ ଯାଇ ଥାଏ ଆହୁରି ନିବିଡ଼ । +୩ରେ ମଧ ଦୁଇ ଜଣ ସେଇ ଏକା କଲେଜରେ ଗେହନ ନେଲା ରସାୟନ ବିଜ୍ଞାନର ଅନର୍ସ ଓ ସୁରଭ ନେଲା ଅର୍ଥନୀତିର ଅନର୍ସ ଧୀରେ ଧୀରେ ତାଙ୍କ ଦୁଇ ଜଣଙ୍କ ପ୍ରେମ ପାଲଟି ଯାଇଥିଲା ଅନ୍ୟ ପ୍ରେମୀଯୁଗଳମାନଙ୍କ ପାଇଁ ଉଦାହରଣ । କଲେଜର ବାର୍ଷିକଉତ୍ସବ ହେଉ ଅବା ଯେ କୌଣସି ସାଂସ୍କୃତିକ ଅନୁଷ୍ଠାନ ଗେହନ ଓ ସୁରଭର ଉପସ୍ଥିତ ସମସ୍ତଙ୍କୁ ପ୍ରେମର ଶିକ୍ଷା ଦେଇ ଯାଉଥିଲା, କିନ୍ତୁ +୩ ଶେଷବର୍ଷରେ ତାଙ୍କ ପ୍ରେମରେ କାହାର ନଜର ଲାଗି ଯାଇଥିଲା ।

ସୁରଭର ଘରେ କିଛି ଲୋକ ଜାଣିଯାଇ ଯାଇଥିଲେ, ସୁରଭ ଓ ଗେହନର ସମ୍ପର୍କ ବିଷୟରେ । ତାଙ୍କ ବିଷୟରେ ସବୁ ଜାଣିବା ପରେ ସୁରଭର ବାପା ସୁରଭର କଲେଜ ଯିବା ଓ ଘରୁ ବାହାରିବା ବନ୍ଦ କରିଦେଲେ; ଯଦିଓ ସୁରଭ କଲେଜ ଆସୁଥିଲା ତାକୁ ତାଙ୍କର ଘରର ଜଣେ ସଦସ୍ୟ ନେବା ଆଣିବା କରୁଥିଲା ଗେହନ ଗ୍ଚହୁଁ ନଥିଲା ଯେ ତାଙ୍କ ଘର ସଦସ୍ୟ ଆଗରେ ସେ ସୁରଭ ଆଗକୁ ଯାଉ ଓ କିଛି ଗୋଟେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉ ବୋଲି। ମୋବାଇଲରେ ବି ଯୋଗାଯୋଗ ସମ୍ଭବ ହୋଇ ପାରୁ ନଥିଲା। +୩ ପରୀକ୍ଷା ଶେଷ ହେବା ଦିନ ସୁରଭର ସାଙ୍ଗ ଠାରୁ ଗେହନ ଜାଣିବାକୁ ପାଇଲା ଯେ ଆସନ୍ତା ମାସରେ ସୁରଭର ବାହାଘର ମୁମ୍ବାଇରେ ଥିବା ଜଣେ ସଫ୍ଟୱେର ଇଞ୍ଜିନିୟର ସହ ସ୍ଥିର ହେଇଛି ବୋଲି, ସେ ପିଲା ହେଉଛି ସୁରଭର ବାପାଙ୍କର ଜଣେ ଘନିଷ୍ଠ ବନ୍ଧୁର ଏକ ମାତ୍ର ପୁଅ, କଥାଟା ଶୁଣି ଗେହନର ପାଦତଳୁ ଭୂମି ଖସିଗଲା ଭଳି ମନେ ହେଲା; ତାକୁ ବେଶି କଷ୍ଟ ଲାଗିଲା ଯେ ଏତେ ସବୁ କଥା ଆଗେଇ ଗଲା ପରେ ମଧ ସୁରଭ ତା ସହ ଟିକେ ଯୋଗାଯୋଗ କରିବାକୁ ଚେଷ୍ଟା ବି କଲାନି । ତାର ମନେ ହେଉ ଥିଲା ଯେମିତ ତା ଉପରେ ପୁରା ଆକାଶଟା ଛିଡ଼ି ପଡ଼ିବ । ଆଉ ଠିକ ସେତିକ ବେଳେ ଖୁବ୍ ଜୋରରେ ଘଡ଼ଘଡ଼ି ସହ ବର୍ଷା ହେଲା । ଅସ୍ଥିର ମନରେ ଭଙ୍ଗା ହୃଦୟ ନେଇ ଗେହନ ବର୍ଷାରେ ଫେରୁଥିବା ବେଳେ ତା'ର ମୁହାଁମୁହିଁ ଧକ୍କା ହୁଏ ଏକ ଟ୍ରକ ସହ, ସାତ ଦିନ ପରେ ସେ

ଯେତେବେଳେ ତା'ର ଚେତା ଫେରପାଏ, ନିଜକୁ ପାଏ କଟକ ବଡ଼ ମେଡ଼ିକାଲର ଖଟିଆ ଉପରେ, ଦେଖେ ଯେ ତା'ର ଦୁର୍ଘଟଣାରେ ଡାହାଣ ଗୋଡ଼ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି ।

ରୋହନ ଭାଇ.... !! ବର୍ଷା ଟିକେ କମିଲାଣି ପରା କ୍ଲାସ ଯିବାନି କି? ଆଜି ବା ଚକ୍ରବର୍ତୀ ସାରଙ୍କ ଇମ୍ପୋର୍ଟାଣ୍ଟ କ୍ଲାସ୍ ଅଛି କେମିକାଲ ବଣ୍ଡିଙ୍ଗର? ସଂବିତ ଫେର ପାଇଲା ରୋହନ.... ପଛକୁ ବୁଲିକି ଦେଖେ ତ ତାଠାରୁ ୩ବର୍ଷ ସାନ ତା ରୁମମେଟ ସୁବାସ କ୍ଲାସ ଯିବା ପାଇଁ ପ୍ରସ୍ତୁତ ହୋଇ ସାରିଲାଣି । ଆରେ ହଁ.... ଚାଲ "ମୋ ଗୋଡ଼ଟା ସେଇ କବାଟ ପାଖରେ ଅଛି ଆଣିକି ମୋତେ ଟିକେ ପିନ୍ଧେଇ ଦେ" । ସୁବାସ ଧୀରେ ଯାଇ ରୋହନର ପ୍ଲାଷ୍ଟିକ ଗୋଡ଼ଟା ଆଣି ତା ଆଣ୍ଠୁ ସହ କ୍ଲିପ୍‌ରେ ଯୋଡ଼ି ଦେଲା.... ଏଥର ଯିବା ରୋହନ ଭାଇ ? ହଁ... ହଁ ଚାଲ ଆରେ ରହରହ! ଏ ବର୍ଷାଟା ପରା ପୁଣି ଆରମ୍ଭ ହେଇ ଗଲାଣି ... ତୁ ଛତାଟା ସାଙ୍ଗରେ ଆଣିଥା । ଦୁହେଁ ଚାଲିଲେ ରସାୟନ ବିଜ୍ଞାନ ବିଭାଗକୁ। ଆଉ ହଷ୍ଟେଲ ପାଖ ଗୋବିନ୍ଦ ସାହୁ ଜଳଖିଆ ଦୋକାନର ଏଫଏମରୁ ଭାସି ଆସୁଥିଲା ଦବଙ୍ଗ ୨ର ସେଇ ଲୋକପ୍ରିୟ ଗୀତ "ମେରେ ଫୋଟୋ କୋ ସୀନେ ସେ ୟାର ଚପକାଲେ ସଇଁୟା ଫେଭିକଲ ସେ" ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ

ଖୋଡାସିଂଗି, ବ୍ରହ୍ମପୁର – ୧୦

# ସମ୍ପାଦକଙ୍କୁ ପତ୍ର



ବରୁଣ କୁମାର ଦାସ

ମହାଶୟ,

ନମସ୍କାର । ପବିତ୍ର ରଥଯାତ୍ରାର ଶୁଭ ଅବସରରେ ଆହ୍ୱାନ ଓଡ଼ିଆ ପରିବାରର୍ ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଅଭିନନ୍ଦନ । ଜଗନ୍ନାଥ ସଂସ୍କୃତିସମଗ୍ର ବିଶ୍ୱକୁ ଏକତା, ଭାତୃତ୍ୱର ବନ୍ଧନରେ ବାନ୍ଧି ପାରିଛି ।

'ରସଗୋଲା' ବିତର୍କ ପ୍ରବନ୍ଧରୁ କିଛି ନୂଆ ଓ ଅଜଣା କଥା ଜାଣିବାକୁ ପାଇଲି । ଏଇ ବିତର୍କ ଅନେକ ଓଡ଼ିଆ ଖବର କାଗଜ ଏବଂ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି । କବି ଜୟଦେବଙ୍କ ପରେ ଏହି 'ରସଗୋଲା' ବିତର୍କ - ସଠିକ୍ ଜନ୍ମସ୍ଥାନ ନେଇ । ବଙ୍ଗାଳୀ ରସଗୋଲାର ଆଉ ଯାହା ଥାଉ ହେଲେ ଜଗନ୍ନାଥଙ୍କ ଭୋଗରେ ଲାଗିହେବାର ନଜିର ନାହିଁ ମୋ ଜାଣିବାରେ ।

ଗତ ମାସ (ଜୁନ ମାସର ସଂସ୍କରଣ)ର ଆହ୍ୱାନ ରୁଚିକର ଏବଂ ପରିମିତ । ଆହ୍ୱାନର ସ୍ୱାଦ କିନ୍ତୁ ଅନ୍ୟଠୁ ଅଲଗା - ଏଥିରେ ବିନ୍ଦୁମାତ୍ର ଦ୍ୱିମତର କାରଣ ନାହିଁ । ମହାଶୟ ଡାକ୍ତରୀ ପେଷା ସହ ସାହିତ୍ୟର ନିଶା ଏକ ନିଆରା ଉଦାହରଣ । ଅନେକ ସାଧୁବାଦ ଏମିତି ଏକ ଇ-ପତ୍ରିକା ଭେଟି ଦେବାଲାଗି ଆମ ସମସ୍ତଙ୍କ ପାଇଁ । ଅନଲାଇନରେ ହାତଗଣତି ଇ-ପତ୍ରିକାର ଉପସ୍ଥିତି ଅଛି କିନ୍ତୁ 'ଆହ୍ୱାନ'ପରି ସେ ସବୁରେ ଆନ୍ତରିକତାର ଘୋର ଅଭାବ ରହିଛି । 'ଆହ୍ୱାନ' ଆଗକୁ ଆଗେଇ ଚାଲୁ ।

କବିତାଟେ ପଠାଇବାର ବାସନାକୁ ରୋକିନପାରି କବିତାଟିଏ ପଠାଇଲି, ବିଚାରକୁ ନେବେ । ଧନ୍ୟବାଦ ସହ

ଇତି

ବରୁଣ କୁମାର ଦାସ

ରାମ ନଗର କଲେଜ, ରାମନଗର, ପୂର୍ବ ମେଦିନାପୁର, ପଶ୍ଚିମବଙ୍ଗ

# ଅନନ୍ୟ ଓଡ଼ିଆ ଶମୀମ୍



ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ



ଜୀବନ କେବଳ ଏକା ଏକା ଖୁସିରେ ବଞ୍ଚିବା ପାଇଁ ହିଁ ନୁହେଁ ବରଂ ଆମ ଜୀବନ ଦ୍ୱାରା ଅନ୍ୟମାନଙ୍କ ଜୀବନରେ ଖୁସି ଆଣିଦେବା ମଧ୍ୟ । ଆମର ଅନେକ ଅଭ୍ୟାସ ଅନ୍ୟମାନଙ୍କୁ ଆନନ୍ଦ ଦେଇଥାଏ, ବେଳେ ବେଳେ ସେମାନଙ୍କୁ ଆମୋଦତ କରେ, ପ୍ରେରତ କରେ ମଧ୍ୟ । ସେହପର ଏକ ବରଳ ଅଭ୍ୟାସର ଅଧିକାରୀ ଜଣେ ଓଡ଼ିଆଙ୍କ ବଷୟରେ ଆମେ ଅଧିକ ଜାଣିବା ଆହ୍ୱାନ ଇ-ପତ୍ରିକାର ଏହ ସଂସ୍କରଣରେ । ଓଡ଼ିଆଭାଷା ସହତ ଓଡ଼ିଆ ଜାତକୁ ମଧ୍ୟ ସମ୍ମାନ ଆମର ଲକ୍ଷ୍ୟ । ଆମ ମଧ୍ୟରେ ଏମିତ ଅନେକ ବନ୍ଧୁ ଅଛନ୍ତ ଯେଉଁମାନେ ଅନେକ ବରଳ କୃତତ୍ୱ ସୃଷ୍ଟି କରଛନ୍ତ ଆଉ କରୁଛନ୍ତ ମଧ୍ୟ, ହେଲେ ସେମାନଙ୍କ ବଷୟରେ ଅଧିକ ଜାଣିବାର କୌଣସି ଉପାୟ ଆମେ ପାଉନାହୁଁ । କେବେ କେବେ ଖବର କାଗଜରେ କେଇ ଧାଡ଼ି ପ୍ରଶଂସାର ଲେଖା ପ୍ରକାଶିତ ହୋଇଗଲେ ଆମେ ଏହାକୁ ପଢୁ କନ୍ତୁ ଅଧିକ ଜାଣିବାର ଉପାୟ ପାଉନାହୁଁ । ସେହପର ଏକ ବଷୟରେ ଆସନ୍ତୁ ଆମେ ପଢ଼ିବା ଆଉ ଜାଣିବା ।

ଆମେ ସମସ୍ତେ ପିଲାଦନେ ସାଇକେଲ୍ ଚଳାଇବାକୁ ଭଲ ପାଉଥିଲେ । ଅଧିକାଂଶ ବନ୍ଧୁ ସ୍କୁଲ ଯିବାପାଇଁ ସାଇକେଲ ହିଁ ବ୍ୟବହାର କରୁଥିଲେ । ବେଳେ ବେଳେ ଛୁଟିଦନ ମାନଙ୍କରେ ସାଇକେଲରେ ବସି ଦୂର ଯାଗାକୁ ବୁଲଯିବା ଆମ ମାନଙ୍କ ମଧ୍ୟରୁ ଅନେକଙ୍କ ସଉକ ଥିଲା । ସାଇକେଲରେ ବସି ଅନେକ କଳାକୌତୁକ

ଦେଖାଇବାର ମଧ ମଜା ନଆର୍ ଥିଲା । ଡାକ୍ତରୀ ମତରେ ସାଇକେଲ ଚାଳନା ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଏକ ଅନନ୍ୟ ଆଶୀର୍ବାଦ । ଯେଉଁମାନେ ସାଇକେଲ ଚାଳନା କରନ୍ତି ସେମାନଙ୍କ ରକ୍ତଗ୍ରୁପ ବୃଦ୍ଧିପାଏନାହିଁ, ଏବଂ ଶାରୀରକ ଅଭବୃଦ୍ଧି ସଠିକ୍ ହୋଇଥାଏ ବୋଲ କୁହାଯାଏ । ଦୈନକ ଅନ୍ୟୁନ ପାଞ୍ଚରୁ ଦଶ କଲୋମିଟର ବାଟ ଯଦ ସାଇକେଲ ଚଳାନ୍ତୁ ତେବେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଅନେକ ଲାଭପ୍ରଦ । ମନେ କରନ୍ତୁ ସେହ ଦଶରେ ଯଦ ଆଉ ଗୋଟିଏ ଶୂନ ଯୋଡ଼ି ଦଅନ୍ତୁ ? ଅର୍ଥାତ ଶହେ କଲୋମିଟର ? ଏହା ଏକ ଦୁରୂହ ବ୍ୟାପାର ବୋଲ ଆମେ ସମସ୍ତେ କହବା । କେହ କେବେ ସେତେ ବାଟ ଯିବାପାଇଁ ସାହାସ ହୁଏତ କରବ ନାହିଁ, ଆଉ ଯଦ ସେଥିରେ ଆଉ ଗୋଟିଏ ଶୂନ ଯୋଡ଼ି ଦଆଯାଏ ? ମାନେ ହଜାର କଲୋମିଟର । ହଁ, ହଜାର କଲୋମିଟର, କେବଳ ସାଇକେଲରେ, ଆପଣ ଯାଇ ପାରବେ କ ?

ଆସନ୍ତୁ ଜାଣିବା ଆମ ଜଣେ ଓଡ଼ିଆ ଭାଇ ଶ୍ରୀ ଏସ୍ ଏସ୍ ଏସ୍ ଶମିମ୍ଙ୍କ ବଷୟରେ । ଓଡ଼ିଶାର ଭଦ୍ରକର ମୂଳନବାସୀ ଶ୍ରୀ ଶମିମ୍ ବର୍ତ୍ତମାନ ମଣିପାଲ, କର୍ଣ୍ଣାଟକର ଏମ୍ଆଇଟିରେ କମ୍ପ୍ୟୁଟର ଆପ୍ଲିକେସନ୍ ବଭାଗରେ ସହକାରୀ ଅଧ୍ୟାପକ ଭାବରେ ଅବସ୍ଥାପିତ ଅଛନ୍ତି । ସେହ ବନ୍ଧୁ ସାଇକେଲ ଦ୍ୱାରା ସମୁଦାୟ ଭାରତ ଭ୍ରମଣ କରବାର ଦୁଃସାହାସ କରଛନ୍ତି । କନ୍ୟାକୁମାରୀଠାରୁ ଉତ୍ତରରେ କଶ୍ମୀର ଉପତ୍ୟାକା ପର୍ଯ୍ୟନ୍ତ ସେ କେବଳ ସାଇକେଲରେ ଭ୍ରମଣ କରଛନ୍ତି । କଶ୍ମୀରରେ ପହଞ୍ଚିବାପରେ ବରଫପାତ ହେତୁ ତାଙ୍କର ଲଦାଖ ଭ୍ରମଣର ସ୍ୱପ୍ନ ବାକ ରହଗଲା । ତଥାପି ମାତ୍ର ୨୩ ଦନରେ ସେ ୩୫୨୦ କଲୋମିଟର ରାସ୍ତା





ଅତକ୍ରମ କରପାରଲେ ।

ରାସ୍ତାରେ ଭେଟୁଥିବା ଅଗଣିତ ଶୁଭେଚ୍ଛୁ ଓ ଶୁଭକାଂକ୍ଷୀଙ୍କ ଆଶୀର୍ବାଦ ହେତୁ ସେ ଏତେ ମହାନ କାର୍ଯ୍ୟ କରପାରଲେ ବୋଲ କହନ୍ତି । 'ମୁଁ ଯାହା ଚାହୁଁଥିଲ ତାହା କରପାରଲ ନାହିଁ ବୋଲ ପଶ୍ଚାତାପ କରବା ଅପେକ୍ଷା କଛ କରବାକୁ ଆଗଭର ହେବା ଉଚତ । ମୁଁ ଯଦଓ ମୋ ଭ୍ରମଣକୁ ସମାପ୍ତ କରପାରଲ ନାହିଁ ତଥାପି ମୋର ଏହ ଅଭଜ୍ଞତା ଦ୍ୱାରା ମୁଁ ଅନେକ କଛ ଶିଖିବାକୁ ପାଇଛ । ମୁଁ ଚେଷ୍ଟା କରଲ ଆଉ ପାଇଲ ।' ୨୩ ମଇ ୨୦୧୬ରେ ସେ ଲମ୍କା ବୁକ୍ ଅଫ୍ ରେକର୍ଡ଼ସରେ ସ୍ଥାନ ପାଇବା ପାଇଁ କନ୍ୟାକୁମାରୀଠାରୁ ଏହ ଯାତ୍ରା ଆରମ୍ଭ କରଥିଲେ । କନ୍ତୁ ଦୁର୍ବଳ ସ୍ୱାସ୍ଥ୍ୟ ଏବଂ ପାଣିପାଗ ହେତୁ ତାଙ୍କ ରାସ୍ତାକୁ ହମାଚଳ ପ୍ରଦେଶରେ ହିଁ ସମାପ୍ତ କରବାକୁ ପଡ଼ିଥିଲା । ସେ

ଲଦାଖ ପହଞ୍ଚିବାକୁ ଆଉ ମାତ୍ର ୩୨୦ କିଲୋମିଟର ରାସ୍ତା ଥିଲା, ଯେତେବେଳେ ସେ ୧୮-ଜୁନ୍-୨୦୧୬ରେ ନିଜ ସାଇକେଲ୍ ଯାତ୍ରାର ସମାପ୍ତି ଘୋଷଣା କରିଥିଲେ । ଏହି ସମୟ ଭିତରେ ସେ ୧୩ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ, ୫୩ଟି ଜିଲ୍ଲା ଏବଂ ୫୨ଟି ଷ୍ଟେଟ ଓ ବଡ଼ ସହର ମଧ୍ୟଦେଇ ଯାତ୍ରା କରିଥିଲେ । ଅନେକ ବ୍ୟକ୍ତିଙ୍କ ସହ ପରିଚୟ ହୋଇଥିଲେ ଏବଂ ସେମାନଙ୍କ ଆତିଥ୍ୟ ପାଇଥିଲେ । କେବଳ ସାଇକେଲ୍ ଦ୍ୱାରା ଭାରତ ଭ୍ରମଣ କରିବା ଭଳି ଏକ ବିରଳ କାର୍ଯ୍ୟ କରି ସେ ରେକର୍ଡ୍ ପୁସ୍ତିକାରେ ନିଜ ନାମକୁ ଲିପିବଦ୍ଧ କରିପାରିଲେ । ଏବଂ ସାଇକେଲ ଦ୍ୱାରା ହିମାଳୟରେ ୩୦୦ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିବାରେ ସେ ପ୍ରଥମ ଭାରତୀୟ ।

ନିଜର ଯାତ୍ରା ସମୟରେ ପ୍ରତିଦିନର ବିବରଣୀ ସେ ସୋସିଆଲ୍ ମିଡ଼ିଆରେ ପ୍ରସାର କରୁଥିଲେ ଯାହାଦ୍ୱାରା ତାଙ୍କର ବନ୍ଧୁମାନେ ଉତ୍ସାହିତ ହେଉଥିଲେ ଏବଂ ତାଙ୍କୁ ପ୍ରେରଣା ଦେଉଥିଲେ । ତାଙ୍କର ଏହିପରି ମହାନ କାର୍ଯ୍ୟପାଇଁ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ତାଙ୍କୁ ଅନେକ ପ୍ରୋତ୍ସାହନ ମିଳିଥିଲା । ନିଜ ଗସ୍ତ କାଳରେ ସେ ଯେତେସବୁ ସ୍ଥାନଦେଇ ଯାତ୍ରା କରିଥିଲେ ସେହି ଅଞ୍ଚଳର ସରକାରୀକଳ, ପ୍ରାଇଭେଟ୍ ସଂସ୍ଥା, ପୋଲିସ ଓ ସୁରକ୍ଷାବଳ, ଭାରତୀୟ ରେଳ, ଆର୍ମି ଏବଂ ସୀମାସୁରକ୍ଷାବଳ ତାଙ୍କୁ ପ୍ରୋତ୍ସାହିତ କରିଥିଲେ । ମଣିପାଲ ସମୁହଙ୍କ ସାହାଯ୍ୟ ପାଇ ସେ ଏହି ବିରଳ କୃତିତ୍ୱ ହାସଲ କରିପାରିଛନ୍ତି ବୋଲି କହିଥିଲେ ।

ନିଜର ପରିଚୟରେ ସେ କୁହନ୍ତି ସେ ଜନ୍ମରୁ ମୁସଲମାନ, ହୃଦୟରେ ଭାରତୀୟ, ପ୍ରକୃତିରେ ମାନବ, ପେଷାରେ ଅଧ୍ୟାପକ, ମାନସିକ ଭାବରେ ଏକ ପରିବାରବାଦୀ ମନୁଷ୍ୟ ଏବଂ ଉଦ୍ୟମରେ ଜଣେ ଉତ୍ସାହୀ



ଏବଂ ସଫଳ ବ୍ୟକ୍ତିତ୍ୱ । ଏହି ୩୦ ଦିନର ଯାତ୍ରାରେ ସେ ଭାରତର ବିଭିନ୍ନ ପ୍ରାନ୍ତରେ ମନୁଷ୍ୟମାନଙ୍କ ମାନସିକ ଚିନ୍ତାଧାରା ଓ ପ୍ରକୃତ ଭାରତକୁ ଅନୁଭବ କରିଥିଲେ ସେ । ନିଜ ଯାତ୍ରାକାଳରେ ସେ ଅନୁଭବ କରିଥିଲେ ଅନେକ ବିଭିନ୍ନତା ଥାଇ ସୁଦ୍ଧା ଭାରତର ପ୍ରତ୍ୟେକ ଅଞ୍ଚଳରେ ସେ ଐକ୍ୟ ଓ ବନ୍ଧୁତା ଓ ଭାତୃଭାବ ଦେଖିବାକୁ ପାଇଥିଲେ । ମଣିପାଲରେ ସେ ଜଣେ ହିରୋ । ନିଜ ଛାତ୍ରଛାତ୍ରୀଙ୍କ ମହଲରେ ସେ ଏକ ନିଦର୍ଶନ ଓ ଉଦାହରଣ । ଏବେ ଆହୁରି ଅନେକେ ଆଗେଇ ଆସୁଛନ୍ତି ସାଇକେଲ ଦ୍ୱାରା ଏମିତି ଦୁଃସାହସିକ ଯାତ୍ରା କରିବାପାଇଁ । ସେ କିନ୍ତୁ ଏହି ସମସ୍ତ କୃତିତ୍ୱର ଶ୍ରେୟ ନିଜ ପିତାମାତା ଅନବର ହୁସେନ୍ ଏବଂ ହବିବୁନ୍ ବିବିଙ୍କୁ ଦିଅନ୍ତି, ଏବଂ ଭଗବାନଙ୍କ ଠାରୁ ମଧ ଅଧିକ ଉଚ୍ଚସ୍ଥାନ ଦିଅନ୍ତି ବୋଲି ସେ କୁହନ୍ତି । ନିଜ କର୍ମକ୍ଷେତ୍ରରେ ପ୍ରତ୍ୟେକ ଜଣାଅଜଣା ବ୍ୟକ୍ତି ତାଙ୍କୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରିଛନ୍ତି । ନିଜ ଛାତ୍ରଙ୍କ ମଧ୍ୟରେ ବହୁଳ ଆଦୃତ ଶମୀମ୍‌ଙ୍କ ଏହି ଦୁଃସାହସିକ ପଦକ୍ଷେପ ପାଇଁ ଏମ୍‌ଆଇଟିର ନିର୍ଦ୍ଦେଶକ ଡ: ଜି କେ ପ୍ରଭୁ ବ୍ୟକ୍ତିଗତ ଭାବରେ ଚେଷ୍ଟା କରିଥିଲେ । ତାଙ୍କ ସହ ଡ: ବି ରାଜଶେଖର, କର୍ଣ୍ଣେଲ ପ୍ରକାଶ ଚନ୍ଦ୍ର, ଏସପି ଆନ୍ନାମାଲାଇ ଆଦି ବ୍ୟକ୍ତିତ୍ୱଙ୍କର ପ୍ରୋତ୍ସାହନ ବି ରହିଥିଲା । ସବୁଠାରୁ ଅଧିକ ସେ ଭାରତୀୟ ସ୍ଥଳସେନାର ସୁରକ୍ଷାବଳଙ୍କୁ ଧନ୍ୟବାଦ ଦିଅନ୍ତି ଯେଉଁମାନେ ହିମାଚଳ ପ୍ରଦେଶରେ ଶମିମଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବା ସମୟରେ ଅନେକ ସାହାଯ୍ୟ କରିଥିଲେ ।

ବିଶ୍ୱର ଏକ ବିଶାଳ ଦେଶ ଭାରତ । ଏବଂ ଜଣେ ବ୍ୟକ୍ତି ଯେ ନିଜ ପ୍ରଚେଷ୍ଟାରେ କେବଳ ସାଇକେଲଟିଏ ଦ୍ୱାରା ଏହି ଦେଶର ଦକ୍ଷିଣରୁ ଉତ୍ତରକୁ ଭ୍ରମଣ କରିବା ଏକ କଷ୍ଟସାଧ ବ୍ୟାପାର । ଏଥିପାଇଁ ଆବଶ୍ୟକ ଉଦ୍ୟମ, ପ୍ରଚେଷ୍ଟା, ଅଧିବସାୟ, ନିରବଚ୍ଛିନ୍ନ ପ୍ରେରଣା ଏବଂ ମାନସିକ ଦୃଢ଼ତା ଏବଂ ସର୍ବୋପରି ସମସ୍ତଙ୍କର ସ୍ନେହ ଓ ସାହାଯ୍ୟ । ଯାହା ଶମିମ୍‌ଙ୍କ କ୍ଷେତ୍ରରେ ଅଜସ୍ର ଭାବରେ ତାଙ୍କୁ ମିଳିଥିଲା । ଆମେ ଆଶା କରୁଛୁ ସେ ଜୀବନରେ ଏମିତି ଅନେକ ଦୁଃସାହସିକ କାର୍ଯ୍ୟ କରନ୍ତୁ ଏବଂ ଆମ ରାଜ୍ୟର ନାମ ଉଚ୍ଚ କରନ୍ତୁ ।

ଶମିମ୍‌ଙ୍କ ଦୀର୍ଘ ଓ ନିରୋଗ ଜୀବନପାଇଁ ଆମେ ପ୍ରାର୍ଥନା କରୁଛୁ ।

https://www.facebook.com/shaikh.shameem.73

ସୂଚନାଯୋଗ୍ୟ ଯେ ବିଗତବର୍ଷ ଡିସେମ୍ବର ମାସରେ ସେ ସାଇକେଲ ଦ୍ୱାରା ବାଙ୍ଗାଲୋର୍ ଠାରୁ ଓଡ଼ିଶା ପର୍ଯ୍ୟନ୍ତ ଯାତ୍ରା କରିଥିଲେ । ଏହି ୧୫୦୦ କିଲୋମିଟର ଦୀର୍ଘ ପଥକୁ ସେ ହାଇଦ୍ରାବାଦ, ବିଜୟୱାଡ଼ା ଏବଂ ବିଶାଖାପାଟଣା ରାସ୍ତାରେ ଯାତ୍ରା କରିଥିଲେ । ଶମିମ୍‌ଙ୍କ ବିଷୟରେ ଅଧିକ ଜାଣିବାପାଇଁ ତାଙ୍କ ୱେବ୍‌ସାଇଟ୍ www.ride4pride.weebly.com ଦେଖି ପାରିବେ କିମ୍ବା ତାଙ୍କ ଫେସବୁକ୍ ପୃଷ୍ଠା ଦେଖିପାରିବେ ।

# ଶୂନ୍ୟତାର ପ୍ରେମରେ



ସୁଶ୍ରୀ ଜୟଶ୍ରୀ ଜେନା

ମଣିଷ ମଣିଷକୁ ଭଲ ପାଏ, ପ୍ରକୃତକୁ ଭଲ ପାଏ, ପଶୁପକ୍ଷୀଙ୍କୁ ଭଲ ପାଏ, ଈଶ୍ୱରଙ୍କୁ ମଧ ଭଲପାଏ, ହେଲେ ଶୂନ୍ୟତାକୁ ଭଲ ପାଇବା ଟିକେ ନିଆରା ଅଭ୍ୟାସ ନିଶ୍ଚୟ । ମଣିଷ ଯଦି ସାଧାରଣ ଗୋଟିଏ ପରିବାରରେ ଜନ୍ମନିଏ ମାଆକୋଳ ଛଡ଼ା ତାକୁ ଅନେକ ହାତ, କୋଳ, ଅନେକଙ୍କ କାନ୍ଧ ବଡ଼ କରାଇଥାଏ । କାରଣ ପରିବାର ଓ ସମାଜ ଦୁହେଁ ଓତଃପ୍ରୋତ ଭାବରେ ଜଡ଼ିତ । ପରିବାରରେ କମ ଲୋକଥିଲେ ମଧ ପଡ଼ୋଶୀ, ବନ୍ଧୁବାନ୍ଧବ ଏ ସବୁର ଅଭାବ ପୂରଣ କରି ଦିଅନ୍ତି । ଧିରେ ଧିରେ ପିଲାଟି ବଡ଼ ହୁଏ ଖେଳିବାକୁ ଲାଗେ, ବୁଲିବାକୁ ଲାଗେ, ତାପରେ ତା'ର ଚିହ୍ନା ହୁଏ ସାଙ୍ଗସାଥୀଙ୍କ ସହ । ପଢ଼ିବାକୁ ଆରମ୍ଭ ହୁଏ ତାହାର । ଘରେ କଡ଼ା ଶାସନ ଓ ଅନୁଶାସନ ନିୟମ ଭିତରେ ଅଣନିଃଶ୍ୱାସୀ ପିଲାଟିକୁ ବନ୍ଧୁମାନେ ବେଶୀ ଆପଣାର ଲାଗନ୍ତି । ତାଙ୍କ ସହ ମିଶି ପାଠ ପଢ଼ାପଢ଼ି କରୁ କରୁ କେତେବେଳେ କୈଶର ଯାଇ ଯୌବନରେ ପାଦ ଦିଏ ପିଲାଟି । ମନ ଆନମନା ହେବାକୁ ଲାଗେ ହଠାତ୍ ସମସ୍ତଙ୍କ ଭିତରେ ଏକା ଏକା ଲାଗିବାକୁ ଲାଗେ । ଏହି ସମୟରେ ମଣିଷ ଜୀବନରେ ପ୍ରବେଶ କରେ ବିପରୀତ ଲିଙ୍ଗର ମଣିଷଟିଏ । ଦୁନିଆ ରଙ୍ଗୀନ ଲାଗେ, ପ୍ରକୃତି ହଠାତ୍ ନିଜକୁ ସଜେଇ ସୁନ୍ଦରୀ ଦିଶିବାକୁ ଲାଗେ ।

ମନର ମଣିଷକୁ ପାଇଲା ପରେ ବନ୍ଧୁମାନେ ଅଲୋଡ଼ା ହୋଇପଡ଼ନ୍ତି । ଅନେକ ସ୍ୱପ୍ନ ଓ ଅଦ୍ଭୁତ କଳ୍ପନାର ଦୁନିଆ ସୃଷ୍ଟି ହୁଏ । ମନ ହେଉଥାଏ ସାତଦରିଆ ଡେଇଁ

ଆକାଶରୁ ଚାନ୍ଦ ତୋଳି ଆଣିବାକୁ । ପ୍ରତି ମୁହୂର୍ତ୍ତ ସୁନେଲି ସୁନେଲି ଲାଗେ । ଜୀବନରେ ସବୁ ଖୁସି ମିଳିଗଲା ପରି ଲାଗେ । ବାସ୍ତବତାଠାରୁ ଲକ୍ଷେ ଯୋଜନ ଦୂରରେ ଥିବା କଳ୍ପନାର ଦୁନିଆ ଜୀବନରେ ହଜିଯାଇଥିବା ସବୁ ରଙ୍ଗ ଭରିଦେଇ ପାରେ । ହେଲେ ଯେବେ ବୟସ ବଢ଼େ, ନିଜ ଉପରେ ଦାୟିତ୍ୱ ବଢ଼େ । ସେ ପରିବାର ପ୍ରତିପୋଷଣର ବୋଝ ହେଉ ଅବା ନିଜକୁ ସ୍ୱାଧୀନ କରିବାର ଇଚ୍ଛା ହେଉ । ପରିବାରର ଇଚ୍ଛା ତା ଚାହିଦା ଏତେ ବଡ଼ ଆଁ କରି ଛିଡ଼ା ହୋଇଯାଏ, ନିଜର କଳ୍ପନାର ଦୁନିଆକୁ ନିଜ ହାତରେ ଭାଙ୍ଗି ଦେବାକୁ ପଡ଼େ । ଆଉ ନିଜକୁ ଖାଦ୍ୟ କରି ଖାଦକ ରୂପୀ ପରିବାର ପାଟି ଭିତରେ ନିଶ୍ଚିହ୍ନ ହେବାକୁ ପଡ଼େ ।

କୋଉଠି ହଜିଯାଏ ମନର ମଣିଷ, ଦେଖୁ ଦେଖୁ ସବୁ କିଛି ମନରୁ ହଜିଯାଏ । ବାସ୍, ଶୂନ୍ୟତା ତା ବଳିଷ୍ଠ ପାଦ ପକାଇ ଜୀବନ ଭିତରକୁ ପ୍ରବେଶ କରିବାକୁ ଲାଗେ । ଯେମିତି ଜୀବନରେ କେବଳ ତା ଅଧିକାର ଅଛି । ଘରେ ମେଞ୍ଚା ମେଞ୍ଚା ଲୋକ, ଭରପୂର ପରିବାର ଥାଇ ସୁଦ୍ଧା ଶୂନ୍ୟତା ଖାଇ ଖାଇ ଚାଲେ । ହୃଦୟ ଭିତରର ଶୂନ୍ୟତା ନିଜକୁ ମହାଶୂନ୍ୟରେ ବୁଡ଼େଇ ଦିଏ । ଛାତି ଭିତରେ ଯନ୍ତ୍ରଣା ହୁଏ, ହେଲେ କାନ୍ଦିବାପାଇଁ ଆଖିରେ ଲୁହ ନିହାଏ । ଅଧରାତିରେ ନିଦ ଭାଙ୍ଗିଯାଏ, ପାଖରେ କିଛି ଗୋଟେ ଗୁରୁତ୍ୱପୂର୍ଣ୍ଣ ଅଧିକାର ନେଇ ଶୋଇଥିବା ଲୋକ ନିଘୋଡ଼ ନିଦରେ ଘୁଙ୍ଗୁଡ଼ି ମାରୁଥାଏ ହେଲେ ଶୂନ୍ୟତା ପାଖ ଛାଡ଼ିନଥାଏ । ଏକାକୀତ୍ୱର ଅନୁଭବ ସେତେବେଳେ ବି ହୁଏ, ଯେତେବେଳେ ଦଶଲୋକ ଗହଳରେ ବସି ଥଟା ମଜା ଚାଲିଥାଏ । ଆଇନାରେ ନିଜ ମୁହଁର ପ୍ରତିବିମ୍ବକୁ ଦେଖିଲେ ବି ଖାଁ ଖାଁ ଲାଗେ, ସତେ ଯେମିତି ସେ ଏକା ।

ପ୍ରକୃତିର ସବୁ ରଙ୍ଗକୁ ଶୂନ୍ୟତା ତା ପାଦତଳେ ଚାପିଦେଇ କଟ୍ କଟ୍ ଗତି ପରି ଅନ୍ଧାର କରିଦେଇଥାଏ ସବୁ । ଗହଳି ସୂର୍ଯ୍ୟାଲୋକ ଭେଦିକରି ପାରେନି ବହଳି ଶୂନ୍ୟତାକୁ । ଜୀବନ ଶେଷ ହୋଇଯିବ ଭଳି ଲାଗେ । ହେଲେ ଜୀବନ ବି ଯାଏ ନାହିଁ ।

କିନ୍ତୁ ବଞ୍ଚିବା ଦୁର୍ବିସହ ହୋଇପଡ଼େ । ମୁଁ କିନ୍ତୁ ଭାବେ ନିଆରା କଥା । ଶୂନ୍ୟତାରେ ବଞ୍ଚିବା ହୁଏତ ସବୁଠାରୁ ଆନନ୍ଦଦାୟକ ହୋଇପାରେ । ଯଦି ଶୂନ୍ୟତାକୁ ଭଲ ପାଇହେବ ତା ହେଲେ କାହିଁକି ନୁହଁ ? ଶୂନ୍ୟତାକୁ ପ୍ରେମିକ ବା ପ୍ରେମିକା ରୂପରେ ସଜେଇ ଦିଅ । ଦେଖିବ ହାରିବାକୁ ଯାଉଥିବା ଜୀବନଟା ପୁଣିଥରେ ଜୀଇଁ ହେବ । ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

ମହାଶୂନ୍ୟତାକୁ ସିନେମାର ପରଦା କରି ନିଜର ସ୍ମୃତିର ସିନେମାକୁ ନିଇତି ଦେଖିହେବ । ଶୂନ୍ୟତା ଭିତରେ ସ୍ପଷ୍ଟ ଭାବରେ ଶୁଣିହେବ ପାଉଁଜି ଶବ୍ଦକୁ, ତାଙ୍କ ମିଠା ଗାଳିକୁ ଆଉ ତାଙ୍କ ହୃଦୟର ପ୍ରତିଟି ସ୍ପନ୍ଦନକୁ । ଶୂନ୍ୟତା ଭିତରେ ବି ଗଢ଼ିହେବ ଅନେକ କଳ୍ପନାର ସୌଧ । ବାସ୍ତବତାର ଢେଉ ଯେତେ ଥର ଭାଙ୍ଗୁ ବାରମ୍ବାର ଗଢ଼ିବାପାଇଁ ପ୍ରେରଣା ଦେଉଥିବା ଶୂନ୍ୟତା । ସବୁଠୁ ବଡ଼ କଥା ହେଲା, ଶୂନ୍ୟତାର କାରଣ କିଏ ଜାଣିଲା ପରେ ସେ କାରଣ ରହୁ ବା ନ ରହୁ ଜୀବନରେ, ହେଲେ ଶୂନ୍ୟତା ହିଁ ପ୍ରତି ମୁହୂର୍ତ୍ତରେ ମନେ ପକେଇ ଚାଲିବ ଯେ ଏ ଶୂନ୍ୟତା କିଏ ପାଇଁ ତା'ଠାରୁ ଅଧିକ କିଏ ଦରକାର ହୋଇପାରେ ।

ଆଜକାଲି ଦୁନିଆରେ ଶୂନ୍ୟତା ଭାଗ୍ୟବାନଙ୍କୁ ଅନୁଭବ କରିବାର ସୁଯୋଗ ଦିଏ । ଖାଲି ପରିଣତ ବୟସରେ କାହିଁକି ଜ୍ଞାନ ପାଇବାଠାରୁ ଯଦି ଜଣେ ତା ଘରପାଖରେ ଥିବା ଶୂନ୍ୟତାକୁ ଭଲ ପାଇବା ଶିଖିନେବ ତ ତା ଜୀବନ ନିଶ୍ଚୟ ସୁଖମୟ ହୋଇପାରିବ, କାରଣ ତା ମନରେ ତାକୁ କିଏ ଅବହେଳା କରୁଛି ବୋଲି ଭାବନା ହିଁ ଜାଗ୍ରତ ହେବନାହିଁ । ଏକା ଥିଲେ କାହାର କୋଳ କି କାହାର ମୁଣ୍ଡଆଉଁସା ଦରକାର ପଡ଼ିବନି । ଶୂନ୍ୟତାର କୋଳରେ ମୁଣ୍ଡରଖି ଆରାମରେ ଶୋଇହେବ । ଶୂନ୍ୟତାର ହାତଧରି ଜୀବନର ସବୁ ସଫଳତା ଆଉ ବିଫଳତାକୁ ଅନୁଭବ କରିବା ଶିଖିନେଲେ ଜଟିଳତା ଦୂର ହୋଇଯିବ ସଂସାରରୁ । ମନ ଭରି ହେଲେ ଶୂନ୍ୟତାର ଛାତିରେ ଯେତେ ଇଚ୍ଛା କାନ୍ଦି ହାଲକା କରିହେବ ମନକୁ । ହସିବାକୁ ଇଚ୍ଛା ହେଲେ ଜୋର୍ ଜୋର୍ ହସିହେବ ମନ ଇଚ୍ଛା ବିନା ଦ୍ୱିଧାରେ । ଶୂନ୍ୟତା ଭିତରେ ପ୍ରେମକୁ ଖାଲି ଅନୁଭବ ନୁହେଁ, ବରଂ ପୁରା ଦେହ ଆଉ ପ୍ରାଣରେ ମିଶେଇ ନେଇ ହେବ ।

କେବଳ ଥରେ ମାତ୍ର ନିଜ ଭିତରେ ଥିବା ନରମ ମନକୁ ମାରି ଶକ୍ତ ହେବାର ଅଛି, କାହିଁକି ନା କଅଁଳ ମନ ସତସତିକା ମଣିଷ ଖୋଜେ । ଭଲ ପାଇବା ଖୋଜେ । ସତସତିକା ଛାତିରେ ଲୋଟିପଡ଼ି ଜାବୁଡ଼ି ଧରି ନିଜ ଭଲ ପାଇବାକୁ ଅନୁଭବ କରିବାକୁ ଚାହେଁ । ଆଉ ଦୁନିଆର ପ୍ରତିବନ୍ଧକ, ନିୟମ ଶୃଙ୍ଖଳ, ବ୍ୟସ୍ତତା ବା ପ୍ରତାରଣା ଯଦି ସେ ସବୁ ଦୂରେଇ ନିଏ ତା ହେଲେ ସେଇ ମନ ଆତ୍ମହତ୍ୟା କରିବାକୁ ବାରମ୍ବାର ପ୍ରବର୍ତ୍ତାଏ, ତେଣୁ ନିଜକୁ ମାରି ମହାପାପ କରିବା ଅପେକ୍ଷା ମନକୁ ମାରି ଗୋଟେ ଶକ୍ତ ମନକୁ ଜନ୍ମ ଦେବା ଉଚିତ ଯେ ଶୂନ୍ୟତା ଭିତରେ ଈଶ୍ୱରଙ୍କୁ, ତା ପରିବାରକୁ ଆଉ ତା ଭଲପାଇବାକୁ ବିନା ଦ୍ୱିଧାରେ ପାଇ ପାରିବ ।

ହଁ ଦୁନିଆ ସେ ଭଳି ମଣିଷକୁ ପାଗଳ କହିପାରେ, ହେଲେ ବି ବଞ୍ଚି ତ ହେବ ଅନ୍ତତଃ ଶୂନ୍ୟତାର ପ୍ରେମରେ...

ସ୍ନାତକୋତ୍ତର ଫାର୍ମାସୀ ଛାତ୍ରୀ,

ଗେଲାଣ୍ଡ ଫାର୍ମାସୀ କଲେଜ, ବ୍ରହ୍ମପୁର

# ମୋ କୁନା ବାହା ହୋଇଛି



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବାହାର କବାଟଟା ଖଡ଼ ଖଡ଼ କରିବାପରେ କୁନାବୋଉ ଯେମିତି କବାଟଟା ଖୋଲିଦେଇଛି ସେମିତି ରଘୁଆ ଘର ଭିତରକୁ ପଶିଆସି ଚେୟାର ଉପରେ ଲଥି କରି ବସିପଡ଼ିଲା । ମୁଣ୍ଡରେ ଝାଳ ଆଉ ତୁଣ୍ଡ ଶୁଖିଯାଉଥିଲା । କୁନାବୋଉ ଧାଇଁଯାଇ ଘର ଭିତରୁ ଥଣ୍ଡା ପାଣି ଗିଲାସେ ଆଣିଦେଲା । ପାଣି ଗିଲାସଟା ଉଦରସ୍ଥ କରିଦେଇ କୁନାବାପା ଆଖିମୁଦିଦେଇ ସେଇ ଚେୟାର ଉପରେ ବସିପଡ଼ିଲା । କୁନାବୋଉ କିଛି ପଚାରିବା ବୋଲି ଭାବୁଥିଲା, ହେଲେ ସାହାସ କରିପାରିଲାନି । ଉପର ପଙ୍ଖାଟା ଘୂରୁଥିଲା । କୁନାବାପା ହାତରୁ ବ୍ୟାଗ ନେଇ ଅଲଗା ଥୋଇଦେଇ ତା ସାର୍ଟ ଖୋଲିଦେଇ ମୁଣ୍ଡକୁ ଶୁଖିଲା ଗାମୁଛାରେ ପୋଛିଦେଲା । କିଛି ସମୟ ପରେ ସାଷ୍ଟାଙ୍ଗ ହେଲାପରେ କୁନାବାପା ଚପା ଗଳାରେ କହିଲା, ‘କୁନା କାହିଁ ? ଦେଖାଯାଉନି ?’ କୁନାବୋଉ କହିଲା, ‘ସେ କୁଆଡ଼େ ବାହାରକୁ ଯାଇଥିଲା । ଫେରିବାପରେ ବାଟକୁ ଯାଉଛି କହି ଯାଇଛି ।’ କୁନାବାପା ଅତି ବିକଳ ହୋଇ କହିଲା, ‘ପିଲାଟାକୁ କେତେ ଶିଖେଇଲି ହେଲେ କିଛି ଶିଖିଲାନି । ଏତେ ସିନେମା ଯାତ୍ରା ଦେଖେଇଲି, ହେଲେ ବି ଶିଖିଲାନି । ତା ପାଇଁ ଆଜି ବାରଦୁଆର ଶୁଙ୍ଘିପିଣ୍ଡା ହେଲା ବେଳକୁ ଆଖିରେ ଲୁହ ଆସିଯାଉଛି କୁନାବୋଉ । ବୟସ ତିରିଶି ଡେଇଁଲାଣି । କେତେଦିନ ଆଉ ଘରେ ଏକା ରହିବ ? ପ୍ରସ୍ତାବ ଖୋଜି ଖୋଜି ମୁଁ ନୟାନ୍ତ ହେଲିଣି । ଭାବିଥିଲି ସେ ନିଜେ କୋଉଠି ପ୍ରସ୍ତାବଟେ ଠିକ୍ କରିଦେବ,

ଭଲରେ ଭଲରେ ବିବାହ ଟା ସାରିଦେବି । ହେଲେ, ଏ ବାବୁଙ୍କ ଦେଇ କିଛି ହେଲାନି । ଏଇ ବୁଢ଼ା ବୟସରେ ବାପଟା କେତେ ହଇରାଣ ହେଉଛି ସେ କଣ ବୁଝୁଛି ?'

କୁନାବୋଉ ପଚାରିଲା, 'ସେଇ ଯୋଉ କୁଜା ପୁରେହିତେ ପ୍ରସ୍ତାବ ଆଣିଥିଲେ, ସେଇଟା କଣ ହେଲା ?'

'ହୁଁ' କୁନାବାପା କହିଲା, 'ସେଇଠିକି ଯାଇଥିଲି । ଆହୁରି ଗଣ୍ଡେ ଏମିତି ପ୍ରସ୍ତାବ ପଡ଼ିଛି ବୋଲି ତା ବାପା କହିଲା । କୁନାର ପାଠଶାଠ କଥା ଶୁଣି ନାକଟେକିଦେଇ କହିଲା, ଖାଲି ଡାକ୍ତର ନ ହେଲେ ଆଇଏଏସ୍ ହେଲେ ହିଁ ଝିଅ ଦେବି । ଇଞ୍ଜିନିୟରକୁ ଝିଅ ପସନ୍ଦ କରୁନି । ତଥାପି ହାତପାଦ ଯୋଡ଼ି ଅନୁରୋଧ କରିବାପରେ ମୋତେ ଗାଳି କହିଲା, ତମ ଦେଇ ହେବନି ତମେ ଯାଅ ।'

କୁନାବୋଉ ଆଁ କରି ଚାହିଁ କହିଲା, 'କଣ ହେବନି ? ମୋ କୁନା କୋଉଥିରେ କମ କି ? ଦେଖିବାକୁ ସୁନ୍ଦର ଚେହେରା, ଚାକିରୀ କରୁଛି । ଘରଦ୍ୱାର ସବୁ ଅଛି ?'

'କୁନାବୋଉ ତୁମେ ବୁଝୁନି' କୁନାବାପା ଦୁଃଖ ସ୍ୱରରେ କହିଲେ, 'ସେ ସାଢ଼େ ସାତଲକ୍ଷ ଟଙ୍କା ଦାବୀ କରୁଛନ୍ତି । କୋଉଠୁ ଆଣିବି ଏତେ ଟଙ୍କା ? ଟଙ୍କା ନ ଦେଲେ ପୁଅ ବାଡୁଅ ରହିଯିବ । ଆଜିକାଲି ଯାହା ଦର ହେଲାଣି, ଶୀଘ୍ର ପ୍ରସ୍ତାବ ନ ମିଳିଲେ, ଦିନ ଆସିବ, ଦଶଲକ୍ଷ ତଳକୁ ଝିଅଟେ ପାଇବା କଷ୍ଟ ହେଇଯିବ ।'

କୁନାବୋଉ ନିରବ ଥିଲା । କଣ କହିବ କିଛି ବୁଝିପାରୁନଥିଲା । ଅଗତ୍ୟା ସେଠାରୁ ଉଠି ଘର ଭିତରକୁ ଚାଲିଲା । ଯାଉ ଯାଉ କହିଦେଲା, 'ହାତପାଦ ଧୋଇଦିଅ, କିଣ ଦିଟା ଖାଇବ । ଦିନସାରା ବୁଲି ବୁଲି ଆସିଲ ।'

ସନ୍ଧ୍ୟାବେଳେ କୁନାବାପା ଘରେ ବସିଥିଲା ବେଳେ କୁନାକୁ ପାଖରେ ବସେଇ ବୁଝେଇ ଦେଉଥିଲେ, 'ଦେଖ ବାପା, ଆମେ ହେଲେ ମଧ୍ୟବିତ୍ତ ପରିବାର । ଆମର ତ ଆଉ ଏତେ ଟଙ୍କା ଭସୁନି ଯେ ତୋ ପାଇଁ ଭଲ ପ୍ରସ୍ତାବଟେ କୋଉଠି ଠିକ୍ କରିଦେବୁ । ତେଣୁ ଯଦି ତୁ କୋଉଠି ନିଜେ ବିବାହ ସ୍ଥିର କରିବୁ ଆମେ ଖୁସିରେ ତୋ ବାହାଘର କରିଦେବୁ । ଚାରି ଚାରିବର୍ଷ କଲେଜରେ ପଢ଼ିଲୁ ଝିଅଟିଏ ନିଜ ପାଇଁ ଠିକ୍ କରିପାରିଲୁନି । ଅନ୍ତତଃ ଏବେ କୋଉଠି ଠିକ୍ କର । କୁନା ଟିଭିର ଚ୍ୟାନେଲ୍ ବଦଳାଉ ବଦଳାଉ କହିଲା, 'ମୁଁ କୋଉଠି ପାଇବି ? ସୁନ୍ଦର ଝିଅ ସବୁ ଯେମିତି ଜନ୍ମରୁ ହିଁ ବୁକିଂ କରିଦେଇଛନ୍ତି । ଆଉ ଯାହା ବାକି ଅଛନ୍ତି ସେମାନଙ୍କ ବାପାମାନେ ଦରଦାମ କମ କରିବାକୁ ରାଜି ହଉନାହାନ୍ତି । ଆମ ଅଫିସର ମନୋଜ ଗଲା ଜାନୁଆରୀରେ ବାହା ହୋଇଥିଲା । ତମେ ଯାଇଥିଲ । ପାଞ୍ଚ ଲକ୍ଷଟଙ୍କାରେ ଝିଅ ମିଳିଥିଲା । ହେଇ ଗଲା ଦୁଇମାସ ହେଲା ଘରକୁ ଯାଇଛି ଯେ ଆଉ ଫେରିବା ନାଁ ନେଉନି । ମନୋଜ ଯାଇଥିଲା ତାକୁ ଆଣିବାପାଇଁ, ତା ବାପା କହିଲେ ଆଉ ଦୁଇଲକ୍ଷ ଧରି ଆସ ନିଜ ସ୍ତ୍ରୀଙ୍କୁ ନେଇ ଯାଅ । ବିଚାରା ଦୁଇଲକ୍ଷ କୋଉଠୁ ଆଣିବ ବୋଲି ଚିନ୍ତାରେ ଗାଡ଼ି ଚଳାଉ ଚଳାଉ ରାସ୍ତାରେ ପଡ଼ିଗଲା, ଏବେ ହସ୍ପିଟାଲରେ ଅଛି, ହେଲେ ସୁଧା ତା ସ୍ତ୍ରୀ ଥରେ ବି ଦେଖିବାକୁ ଆସିନି ।'

କୁନାବାପା ଆଉ କୁନାର କଥାକୁ ମଝିରୁ ଭାଙ୍ଗିଦେଇ ବୋଉ ଖାଇବା ବାଢ଼ିଦେଲି ବୋଲି ଘୋଷଣା କଲେ । ସେମାନେ ବସି ରାତ୍ରୀଭୋଜନ କରୁଥିଲା ବେଳେ କୁନାବୋଉ କହୁଥିଲା, 'ତୁ କିଛି କିଛି ରୋଷେଇ ହେଲେ ଶିଖି ଦେ, କାଳେ କୋଉଠି କିଏ ଝିଅ ଦେବ । ଘର କାମ

ଦଟା ଶିଖିଥିଲେ ଭଲ ପ୍ରସ୍ତାବ ମିଳିବ ବୋଲି ଶୁଣୁଥିଲି ।' କୁନା ବିରକ୍ତ ହୋଇ କହୁଥିଲା, 'ଛେ, ମୋତେ ସେ ଘରକାମ କଥା କେବେ କହିବୁନି ବୋଉ । ବୁଝିଲୁ ।' କୁନାବାପା କଥାକୁ କାଟିଦେଇ କହିଲେ, 'କଣ ଭୁଲ କହିଲା ତୋ ବୋଉ ? ଭଲ କଥା କହିଲେ ଶୁଣୁଥା । ନହେଲେ ସବୁବେଳକୁ ବାଡୁଅ ହେଇ ରହିଯିବୁ । ଆମ ଇଜ୍ଜତ ତ ଯିବ, ହେଲେ ଆମେ କେତେ ଦିନର ? କାଲି ଆମେ ମରିସରିଗଲେ ତୋ ସାଥୀରେ କିଏ ଜଣେ ଥିବ ବୋଇଲେ ଆମେ ଶାନ୍ତିରେ ମରିବୁ ।' ସେମାନଙ୍କ କଥା ଶୁଣି ରାଗ ଗରଗର ହୋଇ କୁନା ଖାଇବା ଅଧାରେ ଛାଡ଼ିଦେଇ ଉଠିଗଲା ।

କୁନାବୋଉ ରଘୁଆକୁ ଆକଟ କରି କହିଲା, ତମେ ସବୁବେଳେ ପୁଅଟା ଉପରେ ଏମିତି ଗରଗର ହେଲେ ଚଳିବ । କେତେଦିନ ଆଉ, ବାହାସାହା ହେଇଗଲେ ଆଉ ତମକୁ ପଗ୍ଚରିବନି ? କୁନାବାପା କହିଲା, 'ଭଲ କଥା କହିଲେ, ତାକୁ ପିତା ଲାଗୁଛି । ତା ସାଙ୍ଗସାଥୀ ବାହା ସାହା ହେଲେଣି ନା ନାଇଁ, ନା ସବୁ ଏମିତି ବସିଛନ୍ତି ? ମିଶ୍ରବାବୁଙ୍କ ପୁଅ ଲାଗିପଡ଼ି ବଙ୍ଗାଳୀ ଝିଅଟେ ଖୋଜିଆଣିଲା ନା ନାହିଁ ? କଲିକତାରେ ଗ୍ଚାକିରୀ କରିବାକୁ ଗଲା, ବୋହୁ ଧରି ଆସିଲା । ଦୁଇଲକ୍ଷରେ ବୋହୁ ପାଇଗଲେ ବୋଲି କେତେବଡ଼ ଭୋଜି ଦେଇଥିଲେ ସେମାନେ ? ଦେଖିନି ? ଆଉ ଆମ ସାହିର ସ୍ୱାଇଁ ବାବୁ, ତାଙ୍କ ପୁଅଟା ବେକାର ବୋଲି ସବୁ ହସୁଥିଲ ଟି, ଦେଖିଛ କେତେ ସୁନ୍ଦରୀଆ ବୋହୁଟେ ଆଣିଛି ? ମାଗଣାରେ । ସମ୍ବଲପୁରଯାଇ ଧରି ଆଣିଲା । ଫେଗର୍ କରି ଆଣିଲା, ହଉ ହେଲେ କଣ ହେଲା । ବୋହୁଟେ ମିଳିଗଲା ନା ? ଆଉ ଆମର ଏ ବାବୁ । ଝିଅଙ୍କ ଆଡ଼କୁ ଆଡ଼ ଆଖିରେ ବି ଦେଖିବନି, ଯାକୁ କୋଉଠୁ ଝିଅ ମିଳିବ ?' କୁନାବୋଉ ନିରବରେ ସବୁ ଶୁଣୁଥିଲା, ସକ ସକ ହେଇ କାନ୍ଦିବା ଆରମ୍ଭ କରିଦେଇ ଦେଉ କୁନାବାପା କହିଲା, 'ସବୁକଥାରେ ତମର ସେ କାନ୍ଦ ସରିବନି । ବୁଝିଲ । କାନ୍ଦ ବନ୍ଦକର । ଖାଇଦିଅ ।'

ରାତିରେ ଘରେ ଖଡ଼ଖାଡ଼ ଶବ୍ଦ ଶୁଣି କୁନାବୋଉ ଦେଖିଲା ବେଳକୁ ଖଟ ଖାଲି । କୁନାବାପା କୁଆଡ଼େ ଗଲା ? ଅନ୍ୟ କୋଠରୀରୁ ଖଡ଼ଖାଡ଼ ଶୁଣାଯାଉଥିଲା । ତା ମନକୁ ପାପ ଛୁଉଁଥିଲା । କାଳେ କୁନାବାପା ଆତ୍ମହତ୍ୟା କରିବାପାଇଁ ସେଇ କୋଠରୀକୁ ଯାଇନି ତ ? ଏମିତି ଭାବି ସେ ଧଡ଼ପଡ଼ ହୋଇ ଆର କୋଠରୀକୁ ଗଲାବେଳେ ସତକୁ ସତ କୁନାବାପା ଗୋଟେଇ ଟେବୁଲ ଉପରେ ଠିଆହୋଇ ଉପର ପଙ୍ଖାକୁ ଧରିଥିଲା । କୁନାବୋଉ ତାଙ୍କ ଗୋଡ଼କୁ ଭିଡ଼ିଧରି କହିଲା, 'ହେ ଭଗବାନ ମୁଁ କଣ କରିବି ଲୋ । ଏମିତି ଧୈର୍ଯ୍ୟ ହାରିଲେ ହବ କି ?' କୁନାବାପା ତଳକୁ ଓହ୍ଲେଇ ଆସି, କହିଲା, 'କାହିଁକି ରାତି ଅଧରେ ଏମିତି ଚିକ୍କାର କରୁଛ ?' କୁନାବୋଉ ବୁଝେଇ ଦେଉଥିଲା ଯେ ଆଜି ନ ହେଲେ କାଲି କୁନା ପାଇଁ ବୋହୁ ମିଳିଯିବ । ତମେ ଏମିତି ଆତ୍ମହତ୍ୟା କଲେ ଆଉ କିଏ ଆମ ପୁଅକୁ ବାହାହେବ । କୁନାବାପା ରାଗ ତମତମ ହେଇ କୁନାବୋଉକୁ ଗ୍ଚାହିଁ କହିଲା, 'ମୁଁ ଆତ୍ମହତ୍ୟା କରିବି ? ତମକୁ କିଏ କହିଲା ?' କୁନା ବୋଉ ପରିସ୍ଥିତି କଥା ବୁଝେଇବା ପରେ ସେ କହିଲା, 'ନିଦ ଆସୁନଥିଲା ତ ଭାବିଲି ଘର ଟା ଟିକେ ସଫାସଫି କରିଦେବି । ଦିନବେଳେ ସମୟ ପାଉନି । ଝିଅ ଖୋଜିବାପାଇଁ ଏଣେତେଣେ ଭିତରେ ପଙ୍ଖା ଉପରେ ଅନେକ ଧୁଳି ଆଉ ଅଳନ୍ଧୁ ଜମା ହୋଇଗଲାଣି ।

ତେଣୁ ସଫା କରିବ ବୋଲି ଭାବିଥିଲି ।’

ସେମାନଙ୍କ ପାଟି ଶୁଣି କୁନା ଆସି ସେଠାରେ ଠିଆ ହୋଇ ସେମାନଙ୍କ କଥା ଶୁଣିଥିଲା । କୁନାବୋଉ କୁନାବାପାର ମୁଣ୍ଡକୁ ଆଉଁସିଦେଇ କହିଲା, ‘ଦେଖିଲୁ, ଏମିତି ଘର କାମଧାମ ଶିଖିଥିଲେ ଯିଏ ହେଲେ ଝିଅ ଦେବାକୁ ରାଜି ହେବ । ନହେଲେ...’ କୁନା ସେଠାରୁ ଚାଲିଗଲା ।

ସକାଳୁ ସକାଳୁ ଖବର କାଗଜକୁ ଆଖି ଲଗେଇ ପଢୁଥିଲା ରଘୁଆ । ବିବାହ ପ୍ରସ୍ତାବ ପାଇଁ ଦଶଟା ଝିଅର ନମ୍ବର ସଂଗ୍ରହ କରିବାପରେ ସେମାନଙ୍କ ଘରକୁ ଗୋଟିଏ ପରେ ଗୋଟିଏ ଫୋନ୍ କରିବା କାମ ଆରମ୍ଭ ହେବ । କୁନାବୋଉ ଚା ଦେଉ ଦେଉ କହିଲା, ଆଉ ଆମ ଜାତିର ଝିଅ ହିଁ ଦେଖିବ । କୁନାବାପା ଚଷମାକୁ ଟିଏ ଟେକିଦେଇ କୁନାବୋଉର ମୁହଁ ଦେଖି ହସିଦେଇ କହିଲା, ‘ଆମ ତମ ନାଇଁ, ଏବେ ଖାଲି ମଣିଷ ଜାତିର ଝିଅଟେ ମିଳିଗଲେ ବଡ଼ କଥା ।’ ଚା ସାରିଦେଇ ଫୋନ୍ କରୁ କରୁ କୁନାବାପା ଖୁସିରେ କୁରୁଳି ଉଠିଲେ । କୁନାବୋଉ ରୋଷେଇଘରେ ଥାଇ ପଚାରିଲେ, ‘କି ହେ କଣ ହେଲା ? ଏମିତି ଚଲ୍ଲେଇ ଉଠିଲ ଯେ ?’ କୁନାବାପା ରୋଷେଇଘର ପିଣ୍ଡାରେ ଠିଆ ହୋଇକହିଲେ, ‘ବୁଝିଲ, ମୋ ପିଲାଦିନର ସାଙ୍ଗ ବସନ୍ତର ଝିଅର ପ୍ରସ୍ତାବ ଆଜି ପେପରରେ ଦେଖିଲି, ଫୋନ୍ କରିଥିଲି । ମୋ ପୁଅ ବୋଲି ଶୁଣି ଖୁସି ହେଇଗଲା । ଲାଗୁଛି ଏହି ପ୍ରସ୍ତାବଟା ହେଇଯିବ । ଶୁଣ ଆଜି ସନ୍ଧ୍ୟାରେ ଭଲକରି ରୋଷେଇବାସ କର । ମୁଁ ତାକୁ ଡାକିଛି ଘରକୁ । ଯଦି ସେ ରାଜି ହୋଇଗଲା ତ ଆମ କୁନାର ହାତକୁ ଦି ହାତ କରିଦେବା ।’

କୁନାବାପା କଥା ଶୁଣୁଶୁଣୁ ଆକାଶ ଆଡ଼କୁ ଚାହିଁ କୁନାବୋଉ କେତେ ପ୍ରାର୍ଥନା କରିପକାଇଲା । ଧାଇଁ ଯାଇ ଠାକୁରଙ୍କ ପାଖରେ ଦୀପଟିଏ ଲଗେଇ ଦେଇ ଆସିଲା । ସନ୍ଧ୍ୟାପାଇଁ ସବୁ ଯୋଗାଡ଼ କରିବାରେ ଲାଗିଗଲା । କୁନା ଅଫିସ ଯିବାକୁ ବାହାରୁଥିଲା, ତାକୁ କଡ଼ା ତାଗିଦ କରିଦିଆଗଲା, ସେ ଯେମିତି ଠିକ୍ ସମୟରେ ଘରେ ରହିବ । ଆଉ ଝିଅଘର ଯାହା ଯାହା ପ୍ରଶ୍ନ କରିବେ ସେ ସବୁର ଉଚିତ ଉତ୍ତର ଦେବ । କୁନାବାପା କହିଦେଲା, ଚା କୁନା କରିବ ।

ସନ୍ଧ୍ୟା ସାଢ଼େ ଛଅଟା ବେଳକୁ ବସନ୍ତ ନିଜ ପରିବାରକୁ ନେଇ ଆସି ପହଞ୍ଚିଲା । ଦୁଇଝିଅ ଆଉ ସ୍ୱାମୀ ସ୍ତ୍ରୀ । ଝିଅଦୁଇଟା କିନ୍ତୁ ଦେଖିବାକୁ ସାମାନ୍ୟ ଶ୍ୟାମଳୀ । କାଳୀ ବୋଲି କହିଲେ ଚଳିବ । ସେମିତି ବି ଦେଖିବାକୁ ବେଶୀ ଉଚ୍ଚ ନୁହନ୍ତି । କିନ୍ତୁ ଆଉ କିଛି ଉପାୟ ନାହିଁ । ସେମିତିରେ ଝିଅ ମିଳୁନାହାନ୍ତି । ସେମାନେ ବୈଠକରେ ବସିଥିବା ବେଳେ କୁନା ଚା ଧରି ଆସିଲା । କୁନାକୁ ଦେଖି ବସନ୍ତର ଦୁଇଝିଅ ଠାଠାରି ହେଉଥିବା ଦେଖି ରଘୁ ବହୁତ ଆଶ୍ୱସ୍ତ ମନେ କରୁଥିଲା । ମନେ ମନେ ପ୍ରାର୍ଥନା କରୁଥିଲା, ହେ ଭଗବାନ ଆଜି କେମିତି ହେଲେ ଏ ପ୍ରସ୍ତାବଟା କରେଇ ଦିଅ । ସମସ୍ତେ ଖାଇବା ପାଇଁ ଏକାଠି ବସିଲେ । ରଘୁ କୁନାର ବିଶେଷତ୍ୱ ବଖାଣିବାରେ କୌଣସି କାର୍ପଣ୍ୟ କରୁନଥିଲା । କୁନା କେମିତି ଭଲ ପିଲା, ଘର କାମ ସବୁ କରେ, ଖାଲି ସମୟରେ ବାହାରେ ବୁଲେଇ ଇତ୍ୟାଦି ଇତ୍ୟାଦି । ବସନ୍ତ ସବୁ ଶୁଣୁଥିଲା ।

ଖାଇସାରି ସମସ୍ତେ ବୈଠକରେ ବସିଥିବା ବେଳେ ପ୍ରସ୍ତାବ କଥା ପଡ଼ିଥିଲା । ବସନ୍ତ ହସିଦେଇ କହିଲା, ଝିଅମାନଙ୍କ ପ୍ରସ୍ତାବ କଥା ତାଙ୍କ ମାଆ ବୁଝୁଛନ୍ତି । ମୁଁ ସେ ସବୁରେ ମୁଣ୍ଡ ଖେଳାଏନି । କୁନାବାପା ଅତି ଶ୍ରଦ୍ଧାର ସହ ବସନ୍ତର ସ୍ତ୍ରୀ ଗେହ୍ଣୀକୁ ଗ୍ୱହିଁଲା ବେଳକୁ ସେ ମୁରୁକି ହସାଦେଇ କହିଲେ, ଆପଣଙ୍କ ପୁଅ ଆମକୁ ଭଲ ଲାଗିଲା । ଘର କାମ ଜାଣିଛି, ବେଶୀ ବାହାରେ ବୁଲାବୁଲି କରୁନି । ସବୁ ଭଲ ଯେ ମୋ ଝିଅ କହୁଛି, ଇଞ୍ଜିନିୟର୍... ! ! ! ' ସେ ଅଟକି ଗଲାପରେ କୁନାବୋଉ କହିଲେ, 'ଭଲ ଦରମା ପାଉଛି । ଆମର ତ ଗୋଟେ ବୋଲି ପୁଅ । ଯାହା ଅଛି ଘରଦ୍ୱାର ସବୁ ତାଆରି । ତାକୁ କିଛି ଅଭାବ ନାହିଁ ।'

ଗେହ୍ଣୀଦେବୀ ନାକ ଟେକିଦେଇ କହିଲେ ଏମିତି କେତେ ପ୍ରସ୍ତାବ ଆସିଲାଣି, ଡାକ୍ତର, ଆଇଏଏସ୍ ଆସିଛି । ଇୟେ କହିଲେ ସାଙ୍ଗ ବୋଲି ଦେଖିବାକୁ ପଳେଇ ଆସିଲୁ । ହଉ ଦେଖିବା କଣ ହେଉଛି । ସେମାନେ ଗ୍ୱଲିଗଲେ । କୁନାବାପା ଆଶା କରି ରହିଗଲା । କୁନାବୋଉ ଠାକୁରଙ୍କ ପାଖରେ ଦୀପରେ ଆଉ ଟିକେ ଘିଅ ଦେଇଦେଲା । ସେଦିନ ସନ୍ଧ୍ୟାର ପରିଶ୍ରମପରେ ସମସ୍ତେ ଆରାମରେ ଶୋଇଗଲେ ।

ପରଦିନ ସକାଳୁ ଗ୍ୱ ପିଇଦେଇ ଖବର କାଗଜ ଦେଖୁଥିବା ବେଳେ ବସନ୍ତର ଫୋନ୍ ଆସିଲା । ରଘୁ, କୁନାବୋଉ ଆଉ କୁନା ସବୁ ଏକାଠି ଅପେକ୍ଷାରେ ଥିଲେ । ଫୋନରେ କଥା ହେଉଥିବା ବେଳେ ହଁ, ନାହିଁ, ହଉ, କିନ୍ତୁ, ହେଲେ... ଏମିତି ସବୁ ଶବ୍ଦ ଶୁଣି ଶୁଣି କୁନାବୋଉ ଆଉ କୁନା ପରସ୍ପରକୁ ଗ୍ୱହୁଁଥିବା ବେଳେ ଫୋନ ବନ୍ଦ ହୋଇଗଲା । କଣ ହେଲା ବୋଲି କୁନାବୋଉ ପଗ୍ୱରିବା ପରେ କୁନାବାପା ଆଖିରୁ ଚଷମା କାଢ଼ିଦେଇ କହୁଥିଲା, 'ସାଙ୍ଗ ବୋଲି ଭାବିଥିଲି, ହେଲେ ସେ ବି ମାନ ରଖିଲାନି ।' କଣ ହେଲା ବୋଲି ବେଶୀ ପଗ୍ୱରିବାପରେ କହିଲା, 'ସାଢ଼େ ତିନିଲକ୍ଷ ମାଗୁଛି ।' କୁନା ଉଠି ଗ୍ୱଲିଯାଉଥିଲା, କୁନାବୋଉ କହିଲା, 'ହଁ କହିଦିଅ । ଏଇ ଘରଟା ବ୍ୟାଙ୍କରେ ବନ୍ଧା ପକେଇ ଦେଇ ଦେଇଦେବା । ଜୀବନଥିଲେ କୁନା ସେ ଋଣ ଶୁଝିବ ଆଉ ଘର ମୁକୁଳେଇବ । ମୁଁ ଆଉ ଅପେକ୍ଷା କରିପାରିବିନି ।' କୁନାବାପା ମୁହଁ ଉଜ୍ଜ୍ୱଳ ଦିଶିଲା । ଶେଷରେ ମୋ କୁନା ବର ହେବ ବୋଲି ତା ଆଖିରେ ଲୁହ ଧାରେ ବହିଗଲା । କୁନା କିନ୍ତୁ ଏହି ପ୍ରସ୍ତାବରେ ଖୁସି ଦେଖାଯାଉନଥିଲା । ହେଲେ ବାପାବୋଉଙ୍କ ଖୁସି ଆଗରେ କିଛି କହି ପାରିନଥିଲା ।

ଧାରକରଜ କରି କୁନାର ବିବାହ ସାରିଦେଇଥିଲେ ସେମାନେ । ଶୁଣାଯାଉଛି, ଦରମାର ଅଧାରୁ ଅଧିକ ପ୍ରତିମାସରେ ବ୍ୟାଙ୍କରେ ଦେଇଦେବା ସତ୍ତ୍ୱେ କୁନା ଛାତି ଫୁଲେଇ ଗ୍ୱଲୁଛି । ସେ ବାହା ହେଇଯାଇଛି ।

ଆଜି ଏହି କାହାଣୀ ପଢ଼ିବାପରେ ହସ ଲାଗିପାରେ, କିନ୍ତୁ ମନେ ରଖନ୍ତୁ ଆଉ ବେଶୀ ହେଲେ ତିରିଶିବର୍ଷ ପରେ ଏମିତିକା ଏକ ଅବସ୍ଥାରେ ଆମେ ସମସ୍ତେ ପହଞ୍ଚିଯିବା । ଯେଉଁଭଳି ଭାବରେ କନ୍ୟାଭ୍ରୂଣ ହତ୍ୟା ଦିନକୁ ଦିନ ବଢ଼ି ଗ୍ୱଲିଛି, ଏମିତିକା ଏକ ଅବସ୍ଥା ଅବଶ୍ୟ ପହଞ୍ଚିବ ଏଥିରେ ଦ୍ୱିମତ ନାହିଁ ।

ବୀମା ନଗର, ବ୍ରହ୍ମପୁର

ଆହ୍ୱାନର ଆଗାମୀ ସଂସ୍କରଣ ଅଗଷ୍ଟ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ : ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟିକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇ ପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୂଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ

ମାଧ୍ୟମରେ ହିଁ ଗ୍ରହଣ କରାଯାଏ ।  ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

## ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ, ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।